# ଇନ୍ଧନ ଗ୍ୟାସ ଅଭାବ; ଲୋକେ ହନ୍ତସନ୍ତ

ଅନୁଗୋଳ,୧୨।୩(ସମିସ)

ରୋଷେଇ ଘରେ ଇନ୍ଧନ ଗ୍ୟାସର ବିକଳ୍ପ ନାହିଁ। ପାରମ୍ପରିକ ଜାଳେଣିଠୁ ଦୂରେଇ ଯାଇଛି ହାଣ୍ଡିଶାଳ। କାଠ କୋଇଲା ତ ଆଉ ମିଳୁନି। ବିଦ୍ୟୁତ ବ୍ୟବହାର ମଧ ବଡ଼ ମହଙ୍ଗା। ସାମ୍ପ୍ରତି ବିଶ୍ୱରେ ଅଶାନ୍ତ ବାତାବରଣର ପ୍ରଭାବ ଭାରତକୁ ପ୍ରଭାବିତ କରୁଛି। ଏବେ ଦେଖାଯାଉଛି ହାଣ୍ଡିଶାଳରେ ଗ୍ୟାସ ମାଡ଼। ୩ଦିନ ହେଲାଣି ବଜାରରେ ଇନ୍ଧନ ଗ୍ୟାସ ଅଭାବ ପରିଲକ୍ଷିତ ହୋଇଛି। କେତେକଙ୍କ ଘରେ ଆଉ ଚୁଲି ଜଳୁନି। ଗ୍ୟାସର କୃତ୍ରିମ ଅଭାବକୁ ତୁରନ୍ତ ରୋକା ନ ଗଲେ ଆଉ କିଛିଦିନ ମଧ୍ୟରେ ଖାଦ୍ୟ ପାଇଁ ଲୋକେ ହାହାକାର ନ ହେବେ ଏ କଥା କିଏ ବା କହିବ। ଗ୍ୟାସର କଳାବଜାରି ପାଇଁ ରାସ୍ତା ବି ଖୋଲିଯିବ।




ଲୋକଙ୍କ ଅତ୍ୟାବଶ୍ୟକ ସାମଗ୍ରୀ ବିତରଣକୁ ସୁଚାରୁରୂପେ ପାଳନ କରାଯାଉ ବୋଲି ସାଧାରଣ ରେ ଦାବି ହେଉଛି। ଜିଲ୍ଲା ଯୋଗାଣ ବିଭାଗ ସୂଚନା ମୁତାବକ ଜିଲ୍ଲାର ସମସ୍ତ ଗ୍ୟାସ ବିତରକଙ୍କ ପାଖରେ ଆବଶ୍ୟକ ଗ୍ୟାସ ମହଜୁଦ ରହିଛି। ଇନ୍ଧନ ଗ୍ୟାସ ପାଇଁ ଲୋକଙ୍କର ସେଭଳି କିଛି ଅସୁବିଧା ହେବନି। ଏପଟେ ଅନୁଗୋଳ ସହର ତଥା ଆଖପାଖ ଅଞ୍ଚଳରେ ଇନ୍ଧନ ଗ୍ୟାସ ବିତରଣ ଏକ ପ୍ରକାର ବନ୍ଦ ହୋଇ ଯାଇଥିବା ଦେଖିବାକୁ ମିଳୁଛି। ଗ୍ୟାସ ବିତରଣ ଏଜେନ୍ସି କାର୍ଯ୍ୟାଳୟରେ 'ନୋ-ଷ୍ଟକ୍' ସୂଚନା ଲେଖି ଦିଆଯାଇଛି। ୩ଦିନ ହେଲାଣି ଲୋକେ ରୋଷେଇ ପାଇଁ ଗ୍ୟାସ ପାଇପାରୁ ନାହାନ୍ତି। ଅମଲାପଡ଼ାସ୍ଥିତ ଗ୍ୟାସ ଏଜେନ୍ସି ସମ୍ପୂର୍ଣ୍ଣ ବନ୍ଦ ରହିଥିବାରୁ ଉପଭୋକ୍ତାମାନେ ନିରାଶ ହୋଇ ଫେରୁଛନ୍ତି। ଗ୍ରାହକଙ୍କୁ ସାନ୍ତ୍ୱନା ମୂଳକ ସଠିକ ସୂଚନା ଦେବାକୁ କେହି ଜଣେ କର୍ମଚାରୀଙ୍କୁ ଦେଖିବାକୁ ମିଳୁନି। କାହିଁକି ବନ୍ଦ ହୋଇଛି, କେବେ ଗ୍ୟାସ ମିଳିବ ସେ ନେଇ ଗ୍ରାହକ ମହଲରେ ଚିନ୍ତାର ବିଷୟ ହେଉଛି। ଶିମିଳିପଡ଼ାସ୍ଥିତ ଗ୍ୟାସ ଏଜେନ୍ସିରେ ସମାନ ଅବସ୍ଥା ଦେଖିବାକୁ ମିଳିଛି। ଏଜେନ୍ସି କର୍ମଚାରୀଙ୍କ କହିବା ଅନୁସାରେ ତାଙ୍କର ପ୍ରାୟ ୨୫ଶହ ଗ୍ରାହକ। ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗ୍ୟାସ ଟାଙ୍କି ମହଜୁଦ ରହିଛି। ତେବେ ଅନଲାଇନ ବୁକିଂ ସାଇଟ୍ ଖୋଲୁନାହିଁ। ସର୍ଭର ଡାଉନ ରହୁଛି। ଫଳରେ ଗ୍ରାହକ ସେବାରୁ ବଞ୍ଚିତ ହେଉଛନ୍ତି। ଆମ ହାତରେ କିଛି ନାହିଁ, ଯାହା କରିବ ଗ୍ୟାସ କମ୍ପାନୀ କରିବ। ହୋମ୍ ଡେଲିଭରି ସର୍ଭିସ ପାଇଁ ଗାଡ଼ି ପ୍ରସ୍ତୁତ ହୋଇ ୩ଦିନ ହେଲା ଛିଡ଼ା ହୋଇଛି। ବିଲ୍, ଭାଉଚର ଅନଲାଇନରୁ ବାହାରି ପାରୁ ନ ଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ବଳରାମପ୍ରସାଦସ୍ଥିତ ଗ୍ୟାସ ଏଜେନ୍ସିରେ ଗ୍ରାମାଞ୍ଚଳ ଗ୍ରାହକମାନେ ଦୂରଦୂରାନ୍ତରୁ ଆସି ଗ୍ୟାସ ନ ପାଇ ନିରାଶ ହୋଇ ଫେରୁଛନ୍ତି।

## ନିଶା ଅଭ୍ୟାସ ଦ୍ୱାରା ବାଳ ଅପରାଧୀ ସଂଖ୍ୟା ବୃଦ୍ଧି




ଅନୁଗୋଳ,୧୨।୩(ସମିସ): ସାମାଜିକ ସଂଗଠନ "ସ୍ପନ୍ଦନ' ତରଫରୁ ଜିଲ୍ଲା ପ୍ରଶାସନର ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ନିଶାମୁକ୍ତ ଭାରତ ଅଭିଯାନ ଅନୁଷ୍ଠିତ ହୋଇଛି। ଅବକାରୀ ବିଭାଗ ଉପ ଅଧୀକ୍ଷକ ଧୀରେନ କୁମାର ବେହେରା କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ନିଶାଦ୍ରବ୍ୟର ଅପବ୍ୟବହାର ତଥା ଚୋରାଚାଲାଣ ଜନିତ ଆଇନ ତଥା ଦଣ୍ଡବିଧି ସମ୍ପର୍କରେ ଅବଗତ କରାଇଥିଲେ। ନାଲ୍କୋ ହସ୍ପିଟାଲ ସହକାରୀ ସାଧାରଣ ପରିଚାଳକ ଡା. ଚିନ୍ମୟ କୁମାର ବାରିକ ପିପିଟି ମାଧ୍ୟମରେ ନିଶା ସେବନ ଦ୍ୱାରା ଏବଂ ନିଶା ଛାଡ଼ିବା ଦ୍ୱାରା ଆମ ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗର ଅବସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ପରିବୀକ୍ଷଣ ଛାତ୍ରାବାସ ତଥା ପର୍ଯ୍ୟବେକ୍ଷଣ ଗୃହ ଏବଂ ସ୍ୱତନ୍ତ୍ର ଆବାସ ଅଧିକାରୀ ପ୍ରଦୀପ କୁମାର ନାୟକ କମ ବୟସରୁ ନିଶା ଅଭ୍ୟାସ କରିବା ଦ୍ୱାରା ବାଳ ଅପରାଧୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିଚାଲିଥିବାରୁ ପୋକ୍ସୋ ଆଇନ ଦ୍ୱାରା ଦଣ୍ଡିତ ଅପରାଧୀଙ୍କ ସଂଖ୍ୟା ବଢୁଛି ଓ ଏହା ସରକାରଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି ବୋଲି କହିଥିଲେ। ତେଣୁ ସମସ୍ତେ ସଚେତନ ହୋଇ ପିଲାମାନଙ୍କୁ ନିଶା ଅଭ୍ୟାସରୁ ଦୂରେଇବା ପାଇଁ ପ୍ରଚେଷ୍ଟା କରିବା ଉଚିତ ବୋଲି ସେ ଦର୍ଶାଇଥିଲେ। ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ନିଶାମୁକ୍ତ ହେବାଲାଗି ଶପଥପାଠ କରାଇଥିଲେ। ବିଭୁ ଶତପଥି ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶର୍ମିଷ୍ଠା ସାହୁ, ଫେଂଶୀ ସାହୁ, ସୁମନ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ଚିତ୍ରାଙ୍କନ ଏବଂ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ସୁଶାନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ନକଲି ଚର୍ମ ଡାକ୍ତର ଓ କ୍ଲିନିକ୍ ବୃଦ୍ଧି

ଅନୁଗୋଳ,୧୨।୩(ସମିସ): ଓଡ଼ିଶାର ବିଭିନ୍ନ ସହରାଞ୍ଚଳରେ ଏବେ ନକଲି ଚର୍ମ ଡାକ୍ତରଙ୍କ ସଂଖ୍ୟା ବଢୁଥିବା ଦେଖିବାକୁ ମିଳୁଛି। କସ୍ମେଟିକ୍ କ୍ଲିନିକ୍, ମେଡିସ୍ପା ଆଦି ନାମ ଦେଇ ଏହି ତଥାକଥିତ ନକଲି ଡାକ୍ତର ବା କ୍ୱାକମାନେ ରୋଗୀଙ୍କ ଚିକିତ୍ସା ଆଳରେ ଶୋଷଣ କରିବା ସହ ସ୍ୱାସ୍ଥ୍ୟର କ୍ଷତି ସାଧନ କରୁଛନ୍ତି। ଗଣମାଧ୍ୟମରେ ଏ ନେଇ ଅନେକ ଖବର ପ୍ରକାଶ ପାଉଥିଲେ ମଧ ପ୍ରଶାସନ ଚୁପ୍ ରହିବା ଯୋଗୁଁ ଏହା ଗ୍ରାମାଞ୍ଚଳକୁ ମଧ ବ୍ୟାପିଲାଣି। ଘଟଣା ନେଇ ଦେଶର ବିଭାଗୀୟ ସର୍ବୋଚ୍ଚ ସଂସ୍ଥା ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଡରମାଟୋଲୋଜିଷ୍ଟ ଭେନେରୋଲୋଜିଷ୍ଟ ଆଣ୍ଡ ଲେପ୍ରୋଲୋଜିଷ୍ଟ ପକ୍ଷରୁ ଗଭୀର ଚିନ୍ତା ପ୍ରକଟ କରାଯାଇଛି। କେବଳ ଚର୍ମ ବିଶେଷଜ୍ଞ ଏବଂ ଉଚ୍ଚତର ତାଲିମ ପାଇଥିବା ଡାକ୍ତରମାନେ ହିଁ ଚର୍ମରୋଗୀଙ୍କ ଚିକିତ୍ସା କରିବା କଥା। କିନ୍ତୁ ନକଲି ଡାକ୍ତରଙ୍କ ହାଉଯାଉ ହେତୁ ଅନେକ ରୋଗୀ ଭ୍ରମରେ ପଡ଼ି କ୍ୱାକ୍‌ଙ୍କ ଦ୍ୱାରା ଚିକିତ୍ସା କରାଇ ଆର୍ଥିକ ଦୃଷ୍ଟିରୁ ଶୋଷଣର ଶିକାର ହେଉଛନ୍ତି। ସାଧାରଣ ଚର୍ମ ରୋଗୀମାନେ ଏଥିପ୍ରତି ସତର୍କ ହେବା ସହ ସନ୍ଦେହ କଲେ ନିକଟସ୍ଥ ସରକାରୀ ଡାକ୍ତରଖାନା ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ବରିଷ୍ଠ ଚର୍ମ ବିଶେଷଜ୍ଞ ତଥା ସଂଘର ସେଣ୍ଟ୍ରାଲ କାଉନସିଲ ସଭ୍ୟ ଡା. ବିଶ୍ୱଜିତ୍ ସାମଲ ପରାମର୍ଶ ଦେଇଛନ୍ତି।

## ଜୁଲାଇ ମାସରେ ବନୀକରଣ, ମାର୍ଚ୍ଚରେ ନିଶ୍ଚିହ୍ନ

# ଦେଢ଼ଲକ୍ଷ ଟଙ୍କା ଚଲୁ, ସାକ୍ଷ୍ୟ ଦେଉଛି ସୂଚନା ଫଳକ

ଅନୁଗୋଳ,୧୨।୩(ସମିସ): ସାମ୍ପ୍ରତିକ ସମୟରେ ମଣିଷ ସମାଜ ପାଇଁ ପରିବେଶ ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ କରିବା ଉଦବେଗର ବିଷୟ ହେଉଛି। ଏଥି ପାଇଁ ସବୁ ବର୍ଗରେ ଚାରାରୋପଣକୁ ଗୁରୁତ୍ୱ ଦିଆଯାଉଛି। ସରକାରୀ କ୍ଷେତ୍ରରେ ଚାରାରୋପଣ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ସରକାରଙ୍କ ଚାରାରୋପଣ ଯୋଜନା କାଗଜକଲମ, ଫାଇଲରେ ସଫଳ ହେଉଛି। ତେବେ ତାହା ବାସ୍ତବତାଠାରୁ ଭିନ୍ନ। କେତେକ ସ୍ୱାର୍ଥବାଦୀ ସରକାରୀ କର୍ମଚାରୀଙ୍କ ହୀନ ମାନସିକତା ଯୋଗୁଁ ସରକାରଙ୍କ ଯୋଜନା ବାଟବଣା ହେଉଛି। ଚାରାରୋପଣ ଯୋଜନାକୁ କେବଳ ସୂଚନା ଫଳକ ସାକ୍ଷ୍ୟ ଦେଉଛି। ବ୍ୟୟ ଅଟକଳର ହିସାବ ଦର୍ଶାଉଛି। ସମ୍ମୁଖରେ ଗଛଟିଏ ପ୍ରମାଣିତ କରୁନି। ଚାରାରୋପଣ ଦିନଠାରୁ ଯତ୍ନ ଓ ସୁରକ୍ଷା ଅଭାବରୁ ସେ ବଢ଼ି ବୃକ୍ଷ ହେବ କ'ଣ



ସେଇଠି ବିଲୀନ ହୋଇଯାଉଛି। ଏଭଳି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବଣ୍ଟିଁରପାଳ ବ୍ଲକ କାଣ୍ଡସର ପଞ୍ଚାୟତ କନ୍ୟାବେଡ଼ା ଗାଁରେ। ଗାଁର ବରନାଳୀ ଖୋଲା ପଡ଼ିଆରେ ଗତ ଜୁଲାଇ ମାସରେ ଚାରାରୋପଣ କରାଯାଇଛି। ମନରେଗା ଯୋଜନାରେ ୧ଲକ୍ଷ ୫୦ହଜାର ଟଙ୍କା ବ୍ୟୟ ବରାଦରେ ଚାରାରୋପଣ ହୋଇଛି। ଏଥି ପାଇଁ ୪୮୦ ଅଣକୁଶଳୀ ଶ୍ରମ ଦିବସ ସୃଷ୍ଟି ହୋଇଥିଲା। ପଡ଼ିଆରେ ପ୍ରାୟ ୫୦-୭୦ଟି ଚାରାରୋପଣ ହୋଇଥିବା ବର୍ତ୍ତମାନ ଚିହ୍ନରୁ



ଜଣାପଡୁଛି। ସାମାନ୍ୟ ଗାତ ଖୋଳି ଚାରା ପୋତା ଯାଇଥିଲା। ସୁରକ୍ଷା ପାଇଁ କପଡ଼ା ଘେରାଇ ଦିଆଯାଇଥିଲା। ଶୁଖିଲା ଠଅଠଅ ଖୋଲା ପଡ଼ିଆରେ ଯତ୍ନ ଅଭାବରୁ ବାସ୍ତବରେ ଗୋଟିଏ ବି ଗଛ ବଞ୍ଚିପାରିଲା ନାହିଁ।

## କେବୁଲ ପୋଡ଼ି ଓ ଚୋରିରେ ସମ୍ପୃକ୍ତ ୭ ଗିରଫ

କଣିହାଁ,୧୨।୩(ସମିସ): କେବୁଲ ପୋଡ଼ି ଓ ଚୋରିରେ ସମ୍ପୃକ୍ତ ୭ଜଣଙ୍କୁ ଗିରଫ କରି କଣିହାଁ ପୁଲିସ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ କଣିହାଁ ଥାନା ଡେରଙ୍ଗ ଗ୍ରାମର ସୁନନ୍ଦ ଗୋଛାୟତ (୩୦), ମାନସ ଗୋଛାୟତ (୨୦), ଡାକ୍ତର ଗୋଛାୟତ (୨୪), ସୁନୀଲ ଗୋଛାୟତ (୨୮), ବିଜୟ ଗୋଛାୟତ (୩୦), ଗଗନ ଗୋଛାୟତ (୪୦) ଓ ଝୁଲଣ ଗୋଛାୟତ (୩୬)। ଅଭିଯୁକ୍ତମାନେ ଗତ ଫେବୃଆରୀ ୨୭ ତାରିଖ ଡେରଙ୍ଗ ଗୋଛାୟତ ସାହି ତାରିଣୀ ମନ୍ଦିର ପାଖରେ ଜେଆଇପିଏଲ ପ୍ଲାଣ୍ଟକୁ ଯାଇଥିବା କେବୁଲ ପୋଡ଼ି ଭିତରୁ ତାର ଚୋରି କରିଥିବା ଅଭିଯୋଗ ହୋଇଥିଲା। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

## ଜଳଖିଆ ଦୋକାନରେ ଭୟାବହ ଅଗ୍ନିକାଣ୍ଡ



ଅନୁଗୋଳ,୧୨।୩(ସମିସ): ଅନୁଗୋଳ ଜିଲ୍ଲା ବନ୍ତଳା ଛକରେ ଥିବା ଏକ ଜଳଖିଆ ଦୋକାନରେ ଗୁରୁବାର ଅପରାହ୍ନ ପ୍ରାୟ ୩ଟାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ନିଆଁ ତତ୍‌କ୍ଷଣାତ୍ ଆଖପାଖ ଦୋକାନକୁ ବ୍ୟାପି ଯାଇଥିଲା। ସେଠାରେ ଥିବା ଜଳଖିଆ ଦୋକାନ ସହ ଲୁଗା ଦୋକାନ, ପୂଜା ସାମଗ୍ରୀ ଦୋକାନ ଜଳିଯାଇଥିଲା। ଏକାଧିକ ଦୋକାନ କେଇ ଘଣ୍ଟା ମଧ୍ୟରେ ହୁତୁହୁତୁ ହୋଇ ଜଳିଯାଇଥିଲା। ବନ୍ତଳା ଓ ଅନୁଗୋଳ ଅଗ୍ନିଶମ ବାହିନୀ ନିଆଁ ଲିଭାରେ କାର୍ଯ୍ୟରେ ସାମିଲ ହୋଇଛନ୍ତି। ସେପଟେ କ୍ଷୟକ୍ଷତି ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।

## ୧୦ ଲକ୍ଷର ଗଞ୍ଜେଇ ସହ ପିକ୍‌ଅପ୍ ଭ୍ୟାନ ଜବତ

### ● ଚାଳକ ଗିରଫ, ଜଣେ ଫେରାର

କିଶୋରନଗର,୧୨।୩(ସମିସ): କିଶୋରନଗର ଥାନା ହରିପୁର ନିକଟ ଟୋଲ୍ ଗେଟ୍ ନିକଟରୁ ପୁଲିସ ଏକ ପିକଅପ ଭ୍ୟାନରେ ଥିବା ୩ କ୍ୱିଣ୍ଟାଲ ୩୦ କିଲୋ ଗଞ୍ଜେଇ ସହ ଭ୍ୟାନ ଜବତ କରିଛି। ଚାଳକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଚାଳକ ହେଲେ ନୟାଗଡ଼ ଜିଲ୍ଲା ମହୀପୁରର ଟୁନା ଦୋରା (୨୯)। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି।



ଫୁଲବାଣୀରୁ ରେଢ଼ାଖୋଲ ଦେଇ ଯାଜପୁର ଯାଉଥିବା ଏହି ପିକଅପ ଭ୍ୟାନରେ ଗଞ୍ଜେଇ ଚାଲାଣ ହେଉଥିବା ପୁଲିସର ସନ୍ଦେହ ହୋଇଥିଲା। ହଣ୍ଡପାରୁ ବାମୁର ହରିପୁର ରାସ୍ତାରେ ପାଟ୍ରୋଲିଂ କରୁଥିବା ପୁଲିସ କର୍ମଚାରୀମାନେ ସନ୍ଦେହ କରି କିଶୋରନଗର ପୁଲିସକୁ ଜଣାଇବା ସହ ଗାଡ଼ିକୁ ଜବତ କରିଥିଲେ। ମାଜିଷ୍ଟ୍ରେଟ ତଥା ଅତିରିକ୍ତ ତହସିଲଦାର ସରିତା ସୁଚରିତାଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇ ଜବତ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି। ଚଢ଼ଉରେ ପାଟ୍ରୋଲିଂ ଭ୍ୟାନର ଏସପିଓ ପ୍ରଦୀପ ପ୍ରଧାନ, କିଶୋରନଗର ଥାନା ଏଏସଆଇ ଅମରଜିତ ସିଂହ, କନଷ୍ଟେବଳ ରୀତାରାଣୀ ପ୍ରଧାନ, ପ୍ରଫୁଲ୍ଲିତ ଟେଟେ, ବିଦ୍ୟାଧର ପ୍ରଧାନ, ରାଜେନ ଓରାମ୍, ମୁନା କିଷାନ ସାମିଲ ଥିଲେ।

## ସିରିଗିଡ଼ା ଘାଟରୁ ବାଲି ଚୋରା ଚାଲାଣ

ତାଳଚେର,୧୨।୩(ସମିସ): ତାଳଚେର ଉପଖଣ୍ଡ ଅଞ୍ଚଳରେ ବର୍ଷ ବର୍ଷ ଧରି ବ୍ରାହ୍ମଣୀ ନଦୀର କିଛି ଘାଟରୁ ବେଆଇନ ଭାବେ ବାଲି ଚାଲାଣ ହେଉଛି। ସିରିଗିଡ଼ା ଘାଟରେ ରାତି ସମୟରେ ଅହରହ ମେସିନ ମାଧ୍ୟମରେ ବାଲି ଉତ୍ତୋଳନ ହେଉଛି। ଚୋରା ବାଲି ଚାଲାଣରେ ନିଯୋଜିତ ଟିପ୍ପର ଓ ହାଇୱା ବିଭିନ୍ନ ଅଞ୍ଚଳକୁ ବିନା ଟିପି ଚାଲାଣରେ ବାଲି ପରିବହନ କରିଥିବା ଦେଖିବାକୁ ମିଳିଛି। ଏହି ଘାଟରୁ ବର୍ଷ ବର୍ଷ ଧରି ବାଲି ଚାଲାଣ ହେଉଥିବା ବେଳେ ଯେଉଁ ପରିମାଣରେ ବାଲି ଉତ୍ତୋଳନ ପାଇଁ ଅନୁମତି ରହିଛି, ତାହାଠାର ଲିଜଧାରୀ ଯଥେଷ୍ଟ ଅଧିକ ଉତ୍ତୋଳନ କରୁଛନ୍ତି। ନଦୀପଠାକୁ ୧୦ରୁ ୧୫ ଫୁଟ ଗଭୀର କରି ଅଧିକ ବାଲି ଉତ୍ତୋଳନ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିପାଇଁ ରାଜ୍ୟ ସରକାର ବିପୁଳ ପରିମାଣରେ ରାଜସ୍ୱ ହରାଉଛନ୍ତି। ବେଆଇନ ବାଲି ଉତ୍ତୋଳନ ଯୋଗୁଁ ନଦୀପଠା କ୍ଷୟ ହେବାସହ ପାର୍ଶ୍ୱବର୍ତ୍ତୀ ଗ୍ରାମ ଓ ସହର ପ୍ରତି ବିପଦ ସୃଷ୍ଟି ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାସହ ଗୃହ ନିର୍ମାଣ ଆଦି ଅନ୍ୟ ନିର୍ମାଣ କାର୍ଯ୍ୟପାଇଁ ବାଲି ମିଳୁ ନ ଥିବା ବେଳେ ଚଢ଼ା ଦରରେ ବିକ୍ରି ହେଉଛି। ଚୋରା ବାଲି ଚାଲାଣରେ ନିୟୋଜିତ ଗାଡ଼ିଗୁଡିକୁ କାହିଁକି ଧରପାଗଡ଼ କରାଯାଉନି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି।



## ବାସନ୍ତୀ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ ସମ୍ପନ୍ନ



ଅନୁଗୋଳ,୧୨।୩(ସମିସ): ସ୍ଥାନୀୟ ହୁଲୁରିସିଂହାସ୍ଥିତ ଦୁର୍ଗାଶଙ୍କର ପଡ଼ିଆରେ ଆଗାମୀ ୧୪ତମ ବସନ୍ତ କାଳୀନ ମୃଣ୍ମୟୀ ଦୁର୍ଗାପୂଜା ଅନୁଷ୍ଠିତ ହେବାକୁ ଯାଉଛି। ଏହି ଉପଲକ୍ଷେ ଜୟଦୁର୍ଗା ଫାଉଣ୍ଡେସନ ପକ୍ଷରୁ ମା'ଙ୍କ ପୂଜା ନିମନ୍ତେ ଗୁରୁବାର ପବିତ୍ର ମାଟି ଅନୁକୂଳ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ହୁଲୁରିସିଂହାର ପ୍ରସିଦ୍ଧ ଗୋପୀନାଥଜିଉ ମନ୍ଦିର ପ୍ରାଙ୍ଗଣରେ ଥିବା ବେଲ ଗଛ ମୂଳରେ ବିଧି ଅନୁଯାୟୀ ପୂଜାର୍ଚ୍ଚନା ପରେ ମାଟି ସଂଗ୍ରହ କରାଯାଇ ହୁଲୁରିସିଂହା ଦଶହରା ପଡ଼ିଆକୁ ଅଣାଯାଇଥିଲା।

ଆସନ୍ତା ମାର୍ଚ୍ଚ ୨୪ରୁ ଏହି ପୂଜା ଆରମ୍ଭ ହୋଇ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ୨୪ରେ ବିଲ୍ୱବରଣ, ୨୫ରେ କଳସ ଯାତ୍ରା, ଦେବୀଙ୍କ ପ୍ରାଣ ପ୍ରତିଷ୍ଠା, ହୋମ ଓ ଚଣ୍ଡୀପାଠ ଆଦି ଅନୁଷ୍ଠିତ ହେବ। ୨୬ ତାରିଖ ସୂର୍ଯ୍ୟପୂଜା ଓ ସନ୍ଧିପୂଜା ସମ୍ପନ୍ନ ହେବାକୁ ଥିବା ବେଳେ ୨୭ ତାରିଖ ନବକୁମାରୀ ପୂଜନ, ନବମୀ ବିହିତ ପୂଜା ଏବଂ ସୁନ୍ଦରାକାଣ୍ଡ ପାଠ ଓ ୨୮ ତାରିଖ ଦଶମୀ ପୂଜା ଅନୁଷ୍ଠିତ ହେବ। ମାଟି ଅନୁକୂଳ କାର୍ଯ୍ୟକ୍ରମରେ ପୁରୋହିତ ଭାବେ ମାନସ ରଞ୍ଜନ କର ପୂଜା ପରିଚାଳନା କରିଥିଲେ। କର୍ତ୍ତା ଭାବେ ରଶ୍ମିରଞ୍ଜନ ସାହୁ, ବଟକୃଷ୍ଣ ସାହୁ, ସତ୍ୟବ୍ରତ କର୍ଣ୍ଣ, ରାକେଶ କୁମାର ସାହୁ, ରାହୁଲ ମହାପାତ୍ର, ବିରଜା ଶଙ୍କର ମହାପାତ୍ର, ସଞ୍ଜୀବ ସାହୁ, ପ୍ରେମକୁମାର ପ୍ରଧାନ ଓ ସୂରଜ୍ ସିଂ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ।

## ଇତିହାସ ବିଭାଗର ଆଲୋଚନାଚକ୍ର




ଅନୁଗୋଳ,୧୨।୩(ସମିସ): ସ୍ଥାନୀୟ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗ ତରଫରୁ ଦିନିକିଆ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଓଡ଼ିଶାର ପଞ୍ଚସଖା ପରମ୍ପରାରେ ଭକ୍ତି, ସାହିତ୍ୟ ଓ ସାମାଜିକ ପରିବର୍ତ୍ତନ ଶୀର୍ଷକ ଆଲୋଚନା କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବସନ୍ତ କୁମାର ସାହୁ ଆଲୋଚନାଚକ୍ରକୁ ଉଦଘାଟନ କରି ସେ ସମୟର ସମାଜ ଓ ବର୍ତ୍ତମାନର ସମାଜ ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ପୂର୍ବତନ ପ୍ରଫେସର ତଥା ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ବସନ୍ତ କୁମାର ମଲ୍ଲିକ ଯୋଗଦେଇ ପଞ୍ଚସଖାଙ୍କ ସାହିତ୍ୟକୃତି ଏବଂ ଅବଦାନ ତଥା ରଚନା ମାଧ୍ୟମରେ ସମାଜ ସଂସ୍କାର ବାର୍ତ୍ତା କିପରି ପ୍ରସାର ଲାଭ କରିଥିଲା ସେ ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଇତିହାସ ବିଭାଗ ମୁଖ୍ୟ ରୀନା ମାର୍ଣ୍ଡି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ଡ. କନକଲତା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଜରାସିଂହା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଭାତ କୁମାର ସିହ୍ନା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଆଶୀର୍ବାଦ କ୍ରିଷ୍ଣା ମହାନ୍ତି, ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ ଡ. ଦିବ୍ୟରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିନ୍ଦଲ ଷ୍ଟିଲ ପକ୍ଷରୁ ୫୫ତମ ଜାତୀୟ ସୁରକ୍ଷା ସପ୍ତାହ ପାଳିତ

# ସୁଦୃଢ଼ ଓ ସୁରକ୍ଷିତ କର୍ମ ସଂସ୍କୃତିକୁ ସର୍ବାଧିକ ଗୁରୁତ୍ୱ

ଅନୁଗୋଳ,୧୨।୩(ସମିସ): ଜିନ୍ଦଲ ଷ୍ଟିଲ ପକ୍ଷରୁ ୫୫ତମ ଜାତୀୟ ସୁରକ୍ଷା ସପ୍ତାହ ପାଳିତ ହୋଇଛି। 'ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ କର୍ମଚାରୀଙ୍କୁ ଯୋଡ଼ନ୍ତୁ, ପ୍ରଶିକ୍ଷିତ କରାନ୍ତୁ ଓ ସଶକ୍ତ କରାନ୍ତୁ' ଏହାରି ଆଧାରରେ ଚଳିତ ବର୍ଷର ସୁରକ୍ଷା ସପ୍ତାହ ପାଳିତ ହୋଇଥିବା ବେଳେ




ଜିନ୍ଦଲ ଷ୍ଟିଲରେ କିପରି ସୁରକ୍ଷିତ କର୍ମକ୍ଷେତ୍ର ଓ କର୍ମ ସଂସ୍କୃତି ବଜାୟ ରହିବ ତା' ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିନ୍ଦଲ ନଗର ଇଡେନ୍ ଗାର୍ଡେନ୍ସରେ ଅନୁଷ୍ଠିତ ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଡିଭିଜନର କାରଖାନା ଏବଂ ବଏଲର୍ସର ଉପନିର୍ଦ୍ଦେଶକ ଡ. ରମେଶ ଚନ୍ଦ୍ର ବେହେରା ଯୋଗଦେଇ ଜିନ୍ଦଲ ଷ୍ଟିଲର ସୁରକ୍ଷିତ କର୍ମ ସଂସ୍କୃତିକୁ ପ୍ରଶଂସା କରିଥିଲେ। ଜିନ୍ଦଲ ଷ୍ଟିଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଅନୁଗୋଳ ପ୍ଲାଣ୍ଟ ମୁଖ୍ୟ ପିକେ ବିଜୁ ନାୟାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଆଇରନ୍ ଜୋନ୍) ଦାମୋଦର ମିତ୍ତଲ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏସଏମଏସ୍ ଓ ମିଲ୍ସ) ହୃଦୟେଶ୍ୱର ଝା, ଏଭିପି ମୁଖ୍ୟ ସୁରକ୍ଷା ଏବଂ ଇଏମଡି ଜିତେନ୍ଦ୍ର ପରିଡ଼ା ଏବଂ ଯୋଗଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ଲାଣ୍ଟର ସମସ୍ତ ବିଭାଗ ମୁଖ୍ୟ, କର୍ମଚାରୀ ଏବଂ ବ୍ୟାବସାୟିକ ସହଯୋଗୀ ଯୋଗଦେଇଥିଲେ। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପିକେ ବିଜୁ ନାୟାର କହିଲେ, ଜିନ୍ଦଲ ଷ୍ଟିଲ ପାଖରେ ବିଶ୍ୱସ୍ତରୀୟ ଉପକରଣ ଓ ସମ୍ବଳ ରହିଛି। ତେଣୁ ସମସ୍ତଙ୍କୁ କାର୍ଯ୍ୟ ମାଧ୍ୟମରେ ନିଜ ପ୍ରତିବଦ୍ଧତା ପ୍ରମାଣିତ କରିବାକୁ ପଡ଼ିବ। ସୁରକ୍ଷା କ୍ଷେତ୍ରରେ କୌଣସି ପରିସ୍ଥିତିରେ ସାଲିସ କରାଯିବା ଉଚିତ ନୁହେଁ। ଆମେ ଏକ ସୁରକ୍ଷିତ କାର୍ଯ୍ୟକ୍ଷେତ୍ର ପ୍ରତିଷ୍ଠା କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବା ଉଚିତ ବୋଲି ସେ କହିଥିଲେ। ଏହି ଅବସରରେ ସୁରକ୍ଷା ଅଭ୍ୟାସ ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ପଥପ୍ରାନ୍ତ ନାଟକ, ସୁରକ୍ଷା ରଥ ପରିକ୍ରମା, ସୁରକ୍ଷା ଆଲୋଚନା, ସୁରକ୍ଷା ସଚେତନତା ଷ୍ଟଲ୍ ସ୍ଥାପନ ସହ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ଆୟୋଜିତ ପ୍ରତିଯୋଗିତାର କୃତୀ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରୀ ଭୂମି ପାୱାର ପ୍ଲାଣ୍ଟ (ଏସବିପିପି)ରେ ମଧ ସୁରକ୍ଷା ସପ୍ତାହ ପାଳନ କରାଯାଇଛି।

# ମାଡ଼ି ଆସୁଛି ଗ୍ରୀଷ୍ମଋତୁ: ଖସୁଛି ଭୂତଳ ଜଳସ୍ତର

ତାଳଚେର,୧୨।୩(ସମିସ)

ମାଡ଼ି ଆସୁଛି ଗ୍ରୀଷ୍ମଋତୁ। ଫଳରେ ଖସିବାରେ ଲାଗିଛି ଭୂତଳ ଜଳସ୍ତର। ବଢୁଛି ପାନୀୟ ଜଳ ସମସ୍ୟା। ପ୍ରଶାସନ ଲୋକଙ୍କ ପାନୀୟ ଜଳ ସମସ୍ୟା କିପରି ଦୂର କରିପାରୁଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। କିଛି ବର୍ଷ ହେବ ଭୂତଳ ଜଳସ୍ତର କମୁଥିବା ବେଳେ ପାନୀୟଜଳ ସମସ୍ୟା ଏହି ଅଞ୍ଚଳରେ ବୃଦ୍ଧି ପାଇବାର ଲାଗିଛି। ଫଳରେ ସହରଠାରୁ ଗ୍ରାମାଞ୍ଚଳ ଲୋକଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ପ୍ରକାଶ ପାଉଛି। ୪ରୁ ୫ଥର ନଳକୂପ ମାରିଲେ ବାଲ୍ଟିଏ ପାଣି ହୁଏ। କିନ୍ତୁ ଏବେ ମାରିମାରି ଥମିକଗଲେ ମଧ ପାଣି ବାଲଟିଏ ହେବା କଷ୍ଟକର ହୋଉଛି। ଭୂତଳ ଜଳସ୍ତର କମିବା ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି।

ପାନୀୟ ଜଳ ବିଭାଗ, ଆରଡବ୍ଲ୍ୟୁଏସଏସ ଓ ପଞ୍ଚାୟତିରାଜ ବିଭାଗ ଦ୍ୱାରା ନଳକୂପ ଖନନ, ପାଇପ ଯୋଗେ ଘରକୁ ଘର ପାନୀୟଜଳ ଯୋଗାଣ କରାଯାଉଥିଲେ ମଧ ତାହା ସଠିକ୍ ରୂପାୟନ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ତାଳଚେର ଶିଳ୍ପାଞ୍ଚଳରେ ପ୍ରାୟ ୧୦ଟି କୋଇଲା ଖଣି ଓ କଳକାରଖାନା ଯୋଗୁଁ ଜଳସ୍ତର ନିମ୍ନଗାମୀ ହେବାରେ ଲାଗିଛି। ଭୂତଳ ଜଳସ୍ତର ବଢ଼ାଇବା ପାଇଁ ପୋଖରୀ ଖନନ, ପ୍ରଚୁର ଚାରାରୋପଣ, ଆଡ଼ିବନ୍ଧ ଇତ୍ୟାଦି ଦୀର୍ଘ ମିଆଦି ଯୋଜନା ମାଧ୍ୟମରେ ବର୍ଷାଜଳ ସଞ୍ଚୟ କରାଯାଇପାରନ୍ତା। କିନ୍ତୁ ବର୍ଷାଜଳ ସଞ୍ଚୟ ପରିବର୍ତ୍ତେ ପୋଖରୀ ଓ ଖାଲ ଜମି ପୋତାଯାଇ ଗୃହ ନିର୍ମାଣ କରାଯାଉଛି। ଫଳରେ ବର୍ଷାଜଳ ସଞ୍ଚୟ ହୋଇ ନ ପାରି ବୋହି ଯାଉଛି। ସରକାରୀ ସ୍ତରରେ ପୋଖରୀ ଖନନ ଓ ଜଳାଶୟ ଉଦ୍ଧାର କରାଯିବାକୁ ଅନୁଦାନ ଆସୁଥିଲେ ମଧ ତାହା ଧର୍ମକୁ ଆଖିଠାର ପରି କାର୍ଯ୍ୟ କରାଯାଇଛି। ରକ୍ଷଣାବେକ୍ଷଣା ଅଭାବରୁ ଜଳାଶୟଗୁଡ଼ିକ ପୋତିହୋଇ ପଡୁଥିବା ବେଳେ ଜଳସ୍ତର



**ବଢୁଛି ପାନୀୟ ଜଳ ସମସ୍ୟା**

ବଢ଼ାଇବା ପାଇଁ ବର୍ଷାଜଳ ହିଁ ନିତାନ୍ତ ଆବଶ୍ୟକ। ଲୋକମାନେ ପାନୀୟଜଳ ରୂପେ ବ୍ୟବହାର କରିବା, ଗାଧୁଆ, ପାଧୁଆ କରିବା ସହ ଗୋରୁଗାଈଙ୍କୁ ଧୋଉଥିଲେ। କିନ୍ତୁ ଏବେ ନଦୀଗୁଡ଼ିକ ପୋତିହୋଇ ପଡ଼ିବା ସହ ସେଥିରେ ବିଶେଷ ପାଣି ରହୁନାହିଁ। ସରକାର ଜଳ ସଂରକ୍ଷଣ ପାଇଁ ମୁକ୍ତା ଯୋଜନାରେ ପ୍ରତ୍ୟେକ ସ୍ଥାନରେ ଟାଙ୍କି କରାଇଥିଲେ ମଧ ତାହା କେବଳ ଠିକାଦାରଙ୍କୁ ପୋଷିବା ସାର ହେଲା। ତେବେ ତାଳଚେର ଅଞ୍ଚଳରେ ଉତ୍କଟ ଜଳସଙ୍କଟ ଡିସେମ୍ବର ମାସରୁ ଦେଖାଯାଇଥିଲେ ହେଁ ସ୍ଥାନୀୟ ପ୍ରଶାସନର ନିଦ ଭାଙ୍ଗୁ ନ ଥିବା ଅଭିଯୋଗ ହୋଇଛି। ତୁରନ୍ତ ଗ୍ରୀଷ୍ମଋତୁକୁ ଦୃଷ୍ଟିରେ ରଖି ଜଳଯୋଗାଣ କରାଯିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

## ବାବା ବଳିଆ ସାଂସ୍କୃତିକ ସଂଘ ପକ୍ଷରୁ ବାଦିପାଲା

ପଟ୍ଟାମୁଣ୍ଡାଇ,୧୨।୩(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ଦିହୁଡ଼ିପୁର ପଞ୍ଚାୟତ ଦିହୁଡ଼ିପୁର ଗ୍ରାମ ପଡ଼ିଆରେ ବାବା ବଳିଆ ସାଂସ୍କୃତିକ ସଂଘ "ଛ' ମୌଜା ପକ୍ଷରୁ ୧୪ତମ ବାଦିପାଲା ଅନୁଷ୍ଠିତ ହୋଇଯାଇଛି। ବାଦିପାଲାରେ ଗାୟକ ସମ୍ରାଟ ଲକ୍ଷ୍ମୀଧର ରାଉତ ଓ ଗାୟକ କୌସ୍ତୁଭ ରବୀନ୍ଦ୍ର ସାମନ୍ତରାୟଙ୍କ ପାଲା ପରିବେଷଣ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି ବାଦିପାଲା ଉତ୍ସବ ଗତ ୧୦ ତାରିଖଠାରୁ ଆରମ୍ଭ ହୋଇ ୩ ଦିନ ବ୍ୟାପି ଅନୁଷ୍ଠିତ ହୋଇଥିଲା। ଗତ ୨୦୧୧ଠାରୁ ଅନୁଷ୍ଠିତ ହୋଇଆସୁଥିବା ବାଦିପାଲା ଦେଖିବାକୁ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥାଏ।

## ମଧ୍ୟପ୍ରାଚ୍ୟରେ ଯୁଦ୍ଧ | ରନ୍ଧନ ଗ୍ୟାସ କଳାବଜାର ସନ୍ଦେହରେ ଚଢ଼ଉ

କେନ୍ଦ୍ରାପଡ଼ା,୧୨।୩ (ସମିସ)

ଇରାନରେ ଚାଲିଥିବା ଯୁଦ୍ଧ ପରିସ୍ଥିତିକୁ ନେଇ ରନ୍ଧନ ଗ୍ୟାସର ମୂଲ୍ୟ ବୃଦ୍ଧି ପାଇପାରେ ବୋଲି ସାମାଜିକ ଗଣମାଧ୍ୟମରେ ବିଭିନ୍ନ ଚର୍ଚ୍ଚା ଚାଲିଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। କେବେ ଗ୍ୟାସ ଯୋଗାଣ ବନ୍ଦ ହୋଇଯିବ କିମ୍ବା କଳାବଜାରରେ ଗ୍ୟାସ ବିକ୍ରି ହେବ ବୋଲି ଶଙ୍କା କରି ଲୋକେ ଚିନ୍ତିତ ଅଛନ୍ତି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ସତର୍କ ରହିଛି। ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ବିଭିନ୍ନ ଗ୍ୟାସ ସିଲିଣ୍ଡର ଡିପୋ ଓ ଏଜେନ୍ସିରେ ଯୋଗାଣ ବିଭାଗ ପକ୍ଷରୁ ଚଢ଼ଉ




କରାଯାଇଛି। ଚଢ଼ଉ ସମୟରେ ଡିପୋରେ ନିର୍ଦ୍ଦିଷ୍ଟ ମାତ୍ରାର ସିଲିଣ୍ଡର ମହଜୁତ ରହିଛି କି ନାହିଁ, ବୁକିଂ କରିଥିବା ଗ୍ରାହକଙ୍କ ପାଖରେ ସମୟମତେ ସିଲିଣ୍ଡର ପହଞ୍ଚୁଛି କି ନାହିଁ, କୌଣସି ଏଜେନ୍ସି କଳାବଜାର କାରବାରରେ ଜଡିତ ଅଛି କି ନାହିଁ,ଏସବୁ ଦିଗରେ ଯାଞ୍ଚ କରାଯାଇଥିଲା। ଯୋଗାଣ ବିଭାଗ ଅଧିକାରୀ ଏହି ଅଭିଯାନରେ ସାମିଲ ଥିଲେ। ବର୍ତ୍ତମାନ ଜିଲ୍ଲାରେ ଗ୍ୟାସ ସିଲିଣ୍ଡର ଯୋଗାଣରେ କୌଣସି ସମସ୍ୟା ନାହିଁ । କୌଣସି ଡିପୋରେ କଳାବଜାରୀ ହେଉନାହିଁ। ଯଦି କୌଣସି ସ୍ଥାନରେ ଏପରି କାରବାର ଚାଲିଥିବା ସୂଚନା ମିଳେ, ସାଧାରଣ ଲୋକ ପ୍ରଶାସନକୁ ଜଣାଇବାକୁ ଅନୁରୋଧ କରାଯାଇଛି। ଦୋଷୀ ଗ୍ୟାସ ଏଜେନ୍ସି ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯୋଗାଣ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ପ୍ରଶାସନ ପକ୍ଷରୁ ସାଧାରଣ ଲୋକଙ୍କୁ ଅନାବଶ୍ୟକ ଆତଙ୍କିତ ନ ହେବାକୁ ଓ ଗୁଜବକୁ ଭରସା ନ କରିବାକୁ ନିବେଦନ କରାଯାଇଛି। ବର୍ତ୍ତମାନ ପରିସ୍ଥିତିରେ ଜିଲ୍ଲାରେ ଗ୍ୟାସ ଯୋଗାଣ ସାଧାରଣ ଭାବେ ଚାଲିଥିବା ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଗ୍ୟାସ ଏଜେନ୍ସି ଓ ତେଲ ଟାଙ୍କି ଉପରେ ଚଢ଼ଉ

ଡେରାବିଶ,୧୨।୩(ସମିସ): ଡେରାବିଶ ବ୍ଲକ୍ ଯୋଗାଣ ନିରୀକ୍ଷକ ସ୍ୱରୁପ ଦାସ ଆଜି ଛତାସ୍ଥ ବନମାଳୀ ଗ୍ୟାସ ଏଜେନ୍ସି ଓ ୫୩ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଦୁଇଟି ପେଟ୍ରୋଲ ପମ୍ପରେ ଚଢ଼ଉ କରି ବିଭିନ୍ନ କାଗଜପତ୍ର ଯାଞ୍ଚ କରିଛନ୍ତି। ତେଲ ଟାଙ୍କିରେ ଗଚ୍ଛିତ ଥିବା ପେଟ୍ରୋଲ ଓ ଡିଜେଲର ପରିମାଣ ଯାଞ୍ଚ କରିବା ସହ ପ୍ଲାଷ୍ଟିକ ବୋତଲ ଓ ଜାରରେ ତେଲ ବନ୍ଦ ନେଇ କଡ଼ାକଡ଼ି ନିର୍ଦ୍ଦେଶ ଦେଇଛନ୍ତି। ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧ ବିଭୀଷିକା ପାଇଁ ତୈଳ ଓ ଗ୍ୟାସ ସଙ୍କଟ ଦେଖାଦେବା ସମ୍ଭାବନାକୁ ଦୃଷ୍ଟିରେ ରଖି ସାଧାରଣରେ ଆତଙ୍କ ଦେଖାଦେଇଛି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ ଏନେଇ କୌଣସି ବ୍ୟକ୍ତି ଭୟଭୀତ ନ ହେବାକୁ ସୂଚନା ଦିଆଯାଇଥିବାବେଳେ ପ୍ରତ୍ୟେକ ବ୍ଲକ ଯୋଗାଣ ନିରୀକ୍ଷକ ବିଭିନ୍ନ ଗ୍ୟାସ ଡିପୋ ଓ ତେଲ ଟାଙ୍କି ଯାଞ୍ଚ କରିବା ସହ ସାଧାରଣ ଲୋକଙ୍କୁ ଏ ଦିଗରେ ସଚେତନ ରହିବା ସହ ଭୟଭୀତ ନ ହେବା ପାଇଁ ପରାମର୍ଶ ଦେଇଛନ୍ତି।



## ଏମ୍‌ଏନ୍ ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ




ପଟ୍ଟାମୁଣ୍ଡାଇ,୧୨।୩(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବପୁରାତନ ସରକାରୀ ଶିକ୍ଷାନୁଷ୍ଠାନ ଏମ୍‌ଏନ ହାଇସ୍କୁଲ ୧୯୯୦ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଗୁରୁ ପୂଜନ ଓ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ରଞ୍ଜନ କୁମାର ନାୟକ ଓ ଦେବାଶିଷ ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ଶିକ୍ଷକ ଖଗେଶ୍ୱର ପରିଡ଼ା, କୃଷ୍ଣଚନ୍ଦ୍ର ପଣ୍ଡା, ପରୀକ୍ଷିତ ରାୟ, ସଂଯୁକ୍ତା କୁଣ୍ଡ, ବଳରାମ ବିଶ୍ୱାଳ, ରବୀନ୍ଦ୍ର ସାହୁ, ଚତୁର୍ଭୁଜ ରାଉଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଟ୍ଟାମୁଣ୍ଡାଇ ଅଞ୍ଚଳର ଏହି ଶିକ୍ଷାନୁଷ୍ଠାନର ବିକାଶ ପାଇଁ ସମସ୍ତ ପୁରାତନ ଛାତ୍ରଛାତ୍ରୀ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ଗୁରୁପୂଜନ ଉତ୍ସବରେ ଛାତ୍ରଛାତ୍ରୀ ଗୁରୁଙ୍କ ପାଦ ଧୋଇ ସିନ୍ଦୁର ଚନ୍ଦନ ଲଗାଇବା ସହ ଉତ୍ତରୀୟ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରାକ୍ତନ ଶିକ୍ଷୟିତ୍ରୀ ସରସ୍ୱତୀ ବେହେରାଙ୍କ ପକ୍ଷରୁ ତାଙ୍କ ପୁତ୍ର ପୁରାତନ ଛାତ୍ର ସ୍ମୃତିରଞ୍ଜନ ବେହେରା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଶୁଭେଚ୍ଛା ଓ ଆଶୀର୍ବାଦ ବାର୍ତ୍ତା ପାଠ କରିଥିଲେ। ୧୯୯୦ ମାଟ୍ରିକ ବ୍ୟାଚ୍‌ର ସଂଘମିତ୍ରା ତ୍ରିପାଠୀ, କବିତା ଧଳ, ପୁଷ୍ପାଞ୍ଜଳି ରାଉତ, ଶୈଳବାଳା ନାୟକ, ଉର୍ମିଳା ତ୍ରିପାଠୀ, ଉଷା ସାହୁ, ଅନୁସୂୟା ରାଉତ, ଗିରିଜା ସାମଲ, ଚନ୍ଦନ ପାତ୍ର, ସୁକାନ୍ତ ଦାସ, ରଞ୍ଜନ ନାୟକ, ସୌମ୍ୟରଞ୍ଜନ ଧଳ, ପ୍ରଫୁଲ୍ଲ ବିଶ୍ୱାଳ, ଦେବାଶିଷ ଦାସ, ଅମ୍ବୁଜ ମହାପାତ୍ର, ଜିତେନ୍ଦ୍ର ନାୟକ ପ୍ରମୁଖଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ସ୍କୁଲ ଜୀବନର ସ୍ମୃତିଚାରଣ କରିବା ସହ ସାମାଜିକ ପରିଚୟ ଓ ପ୍ରତିଷ୍ଠା ଦେଇଥିବା ଏହି ମହାନ ଶିକ୍ଷାନୁଷ୍ଠାନ ବିକାଶ ପାଇଁ ଶପଥ ନେଇଥିଲେ। ଆରମ୍ଭରେ ଦିବଂଗତ ଶିକ୍ଷକ ଓ ୧୯୯୦ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ପାଇଁ ୨ ମିନିଟ ନିରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏ ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଜ୍ଞାନରଞ୍ଜନ ପରିଡ଼ା, କୁନା ସିଂ ଓ ଗିରିଜା ଶଙ୍କର ସାମଲ ପରିଚାଳନା କରିଥିଲେ। ଚନ୍ଦନ ପାତ୍ର, ସୁକାନ୍ତ ଦାସ, ସୌମ୍ୟରଞ୍ଜନ ଧଳ, ଗିରିଜାଶଙ୍କର ସାମଲ, ପ୍ରଫୁଲ୍ଲ ବିଶ୍ୱାଳ, ଦେବାଶିଷ ଦାସ, ରଞ୍ଜନ ନାୟକ, ଅମ୍ବୁଜ ମହାପାତ୍ର, ଜିତେନ୍ଦ୍ର ନାୟକ, ଅଜିତ ମହାନ୍ତି, ଦୀପକ ଦାସ, ସଞ୍ଜୟ ରାଉତ, ମୁନା ଦାସ, ପ୍ରଶାନ୍ତ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ।

## ମାନବବାଦୀ ସଂଗ୍ରାମୀ କୈଳାସ ମଲ୍ଲିକଙ୍କ ସାଧନା ପ୍ରେରଣାଦାୟୀ

ରାଜକନିକା,୧୨।୩(ସମିସ): ତମାମ ଜୀବନ ସାମାଜିକ ସଂସ୍କାରର ବାର୍ତ୍ତା ବାଣ୍ଟି ଶେଷ ନିଶ୍ୱାସ ଯାଏ ନିଶା ବିରୋଧରେ ଜନ ଆନ୍ଦୋଳନ ବ୍ୟାପକ କରି ଆସୁଥିବା କୈଳାସଙ୍କ ଜୀବନ ଜନ ଜାଗରଣ ପାଇଁ ପ୍ରେରଣା ଦେବ ବୋଲି ଆଜି ତାଙ୍କ ଏକାଦଶାହ ସ୍ମୃତିଚାରଣ ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ରାଜକନିକା ବ୍ଲକ୍ ଭାରିଗଦା ପଞ୍ଚାୟତ ମକୁନ୍ଦପୁର ଗାଁ'ର ଦିବଂଗତ ସଂଗ୍ରାମୀ କୈଳାସ ମଲ୍ଲିକଙ୍କ ସ୍ମୃତି ସଭାରେ ସାରା ଓଡ଼ିଶାର ନିଶା ବିରୋଧୀ ସଂଗ୍ରାମୀ ତଥା ମୋନା (ମିଳିତ ଓଡିଶା ନିଶା ନିବାରଣ ଅଭିଯାନ)ର ଆବାହକ ତଥା ସଭାପତି ପଦ୍ମ ଚରଣ ନାୟକ ଯୋଗଦେଇ କୈଳାସ ମଲ୍ଲିକଙ୍କ ସଂଗ୍ରାମ ତାଙ୍କ ପରିବାରର ପ୍ରତିଷ୍ଠା ହିଁ ପ୍ରମାଣ କରିଛି ବୋଲି ମତବ୍ୟକ୍ତ କରିଥିଲେ। ମୋନାର ରାଜକନିକା ବ୍ଲକ୍ ସଭାପତି ସୁରେଶ ଚନ୍ଦ୍ର ମିଶ୍ରଙ୍କ ସଂଯୋଜନାରେ ଆଜି ଅନୁଷ୍ଠିତ ସ୍ମୃତି ସଭାରେ ଦିବଂଗତ ସଂଗ୍ରାମୀ କୈଳାସ ମଲ୍ଲିକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ, ନିରବ ପ୍ରାର୍ଥନା, ଗୀତା ପଠନ ପରେ ସ୍ମୃତି ଶ୍ରଦ୍ଧାଞ୍ଜଳି ପୁସ୍ତିକା 'ଏ ମାଟିର ମହକ' ଉନ୍ମୋଚନ କରାଯାଇଥିଲା। ଆଜିର ସ୍ମୃତି ଚାରଣରେ କାଳୀ ପ୍ରସାଦ ନାୟକ, ଅମ୍ବିକା ପ୍ରସାଦ ମହାନ୍ତି, ବୈକୁଣ୍ଠ ନାଥ ପରିଡ଼ା, କପିଳ ମିଶ୍ର, ଗୋବିନ୍ଦ ଚନ୍ଦ୍ର ନନ୍ଦ, ଗୋପୀନାଥ ବିଶ୍ୱାଳ, ଡାକ୍ତର ଦେବସ୍ମିତା ଶର୍ମା, ହଳଧର ମଲ୍ଲିକ, ରଞ୍ଜନ ମଲ୍ଲିକ, ମୁରଲୀଧର ବେହେରା, ଦାମୋଦର ଧଳ, ଲକ୍ଷ୍ମୀଧର ଦୀକ୍ଷିତ, ସୁହାନା ବେଗମ, ଶାନ୍ତିଲତା ବେହେରା, ସହଦେବ ସିଂ, ରଞ୍ଜନ ଓଝା, ରଶ୍ମି ମହାନ୍ତି, ସୁବାସ ମଲ୍ଲ ପ୍ରମୁଖ ଯୋଗ ଦେଇଥିଲେ। ଆଜିର କାର୍ଯ୍ୟକ୍ରମରେ ମୋନାର ଅପର୍ଣ୍ଣା ନାୟକ, ପାର୍ବତୀ ନାୟକ, ଗିରିଜା ପ୍ରସାଦ ନାୟକ, ଅରୁଣ କୁମାର ସ୍ୱାଇଁ, ଦୁର୍ଗାପ୍ରସାଦ ଦାସ, ଗୀତାଞ୍ଜଳି ସ୍ୱାଇଁ, ମଳୟ କୁମାର ତ୍ରିପାଠୀ, କାହ୍ନୁ ଚରଣ ବେହୁରା, ଆଦିକନ୍ଦ ରାଉଳ, ଅମ୍ବିକା ପ୍ରସାଦ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଝିଅ ଇନ୍ଦୁପ୍ରଭା, ଗାୟତ୍ରୀ ଓ ଅନୁରାଧାଙ୍କ ସମେତ ସମ୍ପୂର୍ଣ୍ଣ ପରିବାର ଓ ଗ୍ରାମବାସୀ ପରିଚାଳନା କରିଥିଲେ।



## ଅଗ୍ନିବିପନ୍ନ ପରିବାରଙ୍କୁ ଶିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟର ସହାୟତା ଓ ରନ୍ଧାଖାଦ୍ୟ ବିତରଣ



ଗରଦପୁର,୧୨।୩(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ୍ ଅନ୍ତର୍ଗତ ତେଣ୍ଡାକୁଡ଼ା ପଞ୍ଚାୟତର ବସନ୍ତପୁର ଗ୍ରାମରେ ଗତ ସୋମବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ଗ୍ରାମର ୬ଟି ପରିବାରର ୭ ବଖରା ଘର ସମ୍ପୂର୍ଣ୍ଣ ଜଳି ଭସ୍ମୀଭୂତ ହୋଇଯାଇଥିଲା। ଏହି ଅଗ୍ନିକାଣ୍ଡରେ ଘରେ ଥିବା ଖାଦ୍ୟ ସାମଗ୍ରୀ, ଶସ୍ୟ, ଟଙ୍କା ପଇସା ସହିତ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଥିବାରୁ ପରିବାରଗୁଡ଼ିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଏହି ବିପଦ ସମୟରେ ସମାଜସେବୀ ସଂଗଠନ ଶ୍ରୀଶ୍ରୀ ଶିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟ ଆଗକୁ ଆସି ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତାର ହାତ ବଢ଼ାଇଛି। ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଡ. ରୁଦ୍ର ମହାନ୍ତିଙ୍କ ନିର୍ଦ୍ଦେଶରେ ଟ୍ରଷ୍ଟ ସଦସ୍ୟ କମଳ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଟ୍ରଷ୍ଟ ପକ୍ଷରୁ ରନ୍ଧା ଖାଦ୍ୟ ପ୍ରସ୍ତୁତ କରାଯାଇ ବିପନ୍ନ ପରିବାରଙ୍କୁ ବଣ୍ଟନ କରାଯାଇଥିଲା। ଏ ଅବସରରେ ତେଣ୍ଡାକୁଡ଼ା ସରପଞ୍ଚ ମାନସ ରାଉତ, ବିଜେପି ନେତା ତେଜେଶ୍ୱର ପରିଡ଼ା ପହଞ୍ଚି ବିପନ୍ନ ପରିବାରଙ୍କ ଅବସ୍ଥା ବିଷୟରେ ଖୋଜଖବର ନେବା ସହ ତାଙ୍କ ସହିତ ମଧ୍ୟାହ୍ନଭୋଜନ କରିଥିଲେ। ସେମାନେ ପରିବାରମାନଙ୍କୁ ସାହସ ଦେଇ ଆଗାମୀ ଦିନରେ ଯଥାସମ୍ଭବ ସହାୟତା ଯୋଗାଇଦେବାକୁ ଆଶ୍ୱାସନା ଦେଇଥିଲେ। ଆସନ୍ତାକାଲି ବିପନ୍ନ ପରିବାରମାନଙ୍କୁ ବସ୍ତ୍ର, ଖାଦ୍ୟଶସ୍ୟ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଡ. ରୁଦ୍ର ମହାନ୍ତି ସୂଚନା ଦେଇଛନ୍ତି। ଅଗ୍ନିକାଣ୍ଡ ପରେ ଟ୍ରଷ୍ଟ ପକ୍ଷରୁ ଦିଆଯାଇଥିବା ଏହି ମାନବିକ ସହଯୋଗକୁ ସ୍ଥାନୀୟ ଅଞ୍ଚଳର ଲୋକ ପ୍ରଶଂସା କରିଛନ୍ତି।

## 'କଟି କଟି ଡବଲ କଟି' ଓ 'ସେଇ ଗୋଟିଏ ଭୁଲ୍ ପାଇଁ' ନାଟକ ମଞ୍ଚସ୍ଥ

ରାଜକନିକା,୧୨।୩(ସମିସ): ରାଜକନିକା ବ୍ଲକ ହାଟସାହି ପଞ୍ଚାୟତ ଦାସନଗର ଚଉଦମାଣିଆସ୍ଥ ଗୋପବନ୍ଧୁ ଡ୍ରାମାଟିକ୍ କ୍ଲବ ପକ୍ଷରୁ ଦୁଇଦିନ ଧରି ଚାଲିଥିବା ନାଟକ ମହୋତ୍ସବ ଉଦ୍‌ଯାପିତ ହୋଇଛି। ମଞ୍ଚ ନାଟକକୁ ଧାରାବାହିକ ଭାବେ ଦୀର୍ଘବର୍ଷ ଧରି ପରିବେଷଣ କରିଆସୁଥିବା ଏହି ନାଟ୍ୟସଂସ୍ଥା ଚଳିତ ବର୍ଷର ଦୁଇଟି ସାମାଜିକ ଅନୁସନ୍ଧାନ ନାଟକ "କଟି କଟି ଡବଲ କଟି' ଓ 'ସେଇ ଗୋଟିଏ ଭୁଲ୍ ପାଇଁ' ନାଟ୍ୟପ୍ରେମୀଙ୍କୁ ଭେଟି ଦେଇ ଗ୍ରାମ୍ୟ ଚଳଣିରୁ ଲୁପ୍ତ ହୋଇଯାଉଥିବା ମଞ୍ଚ ନାଟକକୁ ପରଶି ଦେଇଛି। ଏହି ଦୁଇଦିନ ନାଟକ ପରିବେଷଣ ସମୟରେ ସ୍ଥାନୀୟ ଅଞ୍ଚଳରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା। ପ୍ରଯୋଜକ ପ୍ରଣୟ ଦାସ ଓ ସହପ୍ରଯୋଜକ ଜିତେନ୍ଦ୍ର ଦାସ, ନାଟ୍ୟକାର ଡା. ଦୀପକ ଜେନା, ବଳିଷ୍ଠ ନିର୍ଦ୍ଦେଶକ ଅଶୋକ ଜେନାଙ୍କ ନିର୍ଦ୍ଦେଶନାରେ ଦୁଇଟି ନାଟକ ପରିବେଷଣରେ କଳାକାରଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିବାରେ ସମର୍ଥ ହୋଇଥିଲା। ନିରଞ୍ଜନ ବେହେରା, ନିର୍ମଳ ରାଉତ, ପ୍ରକାଶ ନାୟକ, ଦୀପକ ନାୟକ, ଗଣନାଥ ଜେନା, ପ୍ରଭାତ ଦାସ, ଲଳିତ ଦାସ, ରୋହିତାଶ୍ୱ ଦାସ, ବିମଳ ଦାସ, ଧିରେନ୍ଦ୍ର ଦାସ ପ୍ରମୁଖ ଅଭିନୟ କରିଥିବାବେଳେ ନାରୀ ଭୂମିକାରେ ଲତିକା, ରାଧା, ସସ୍ମିତା, କବିତା, ଉତ୍କଳିକା ଅଭିନୟ କରିଥିଲେ। ଶିଶୁ କଳାକାର ଭାବେ ଶୁଭଶ୍ରୀ ରାଉତ ଅଭିନୟ କରି ଦର୍ଶକଙ୍କ ମନ ମୋହିଥିଲେ। ନାଟ୍ୟ ପରିଚାଳନାରେ ହୃଷିକେଶ ବେହୁରିଆ ଓ ନିର୍ମଳ ରାଉତ ଥିଲେ। ଏଥିରେ ଗୋପବନ୍ଧୁ ଡ୍ରାମାଟିକ୍ କ୍ଲବର ସମସ୍ତ ସଦସ୍ୟ ଓ ହାଟସାହି ଗ୍ରାମବାସୀ ସହଯୋଗ କରିଥିଲେ।



## ମଦ ଦୋକାନ ଉଚ୍ଛେଦ ଦାବି

ପଟ୍ଟାମୁଣ୍ଡାଇ,୧୨।୩(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ଅଳପୁଆ ପଞ୍ଚାୟତ ମଧ୍ୟଭାଗରେ ଦାମୋଦରପାଟଣା-ଜଗନ୍ନାଥପୁର ମୁଖ୍ୟ ରାସ୍ତା ଯାଇଛି। ଅଳପୁଆ ମୁଖ୍ୟ ରାସ୍ତା କଡ଼ରେ ଏକ ସରକାରୀ ମଦ ଦୋକାନ ଥିବାରୁ ନାହିଁ ନ ଥିବା ବିଶୃଙ୍ଖଳା ହେଉଛି। ମଦ ବିକ୍ରି ହେତୁ କେତେକ ନିରୀହ ପରିବାର ଉଜୁଡିଯିବା ସହିତ ଧୋୟାଞ୍ଚଳରେ ଚୋରି ଡକାୟତି ଭଳି ଅସାମାଜିକ କାର୍ଯ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ନିକଟସ୍ଥ ଅଳପୁଆ ଉଚ୍ଚବିଦ୍ୟାଳୟ, କାଶୀନାଥ ମହାବିଦ୍ୟାଳୟ ଓ ବ୍ରାହ୍ମଣୀ ମହାବିଦ୍ୟାଳୟକୁ ଶହ ଶହ ଛାତ୍ରଛାତ୍ରୀ ଉକ୍ତ ରାସ୍ତା ଦେଇ ଯିବା ସମୟରେ ମଦୁଆଙ୍କ ଅଶ୍ଳୀଳ ଇଙ୍ଗିତର ଶିକାର ହେଉଛନ୍ତି । ଅଳପୁଆ ପଞ୍ଚାୟତ, ରାଜସ୍ୱ କାର୍ଯ୍ୟାଳୟ କି ମେଡିକାଲ ଯିବାକୁ ଝିଅବୋହୂ ସୁରକ୍ଷିତ ମନେ କରୁନାହାନ୍ତି। ଉକ୍ତ ମଦ ଦୋକାନ ବନ୍ଦ ପାଇଁ ପୂର୍ବରୁ ଦାବି ହେଉଥିଲେ ବି ପ୍ରଶାସନ ଚୁପ ରହିବା ଅସାମାଜିକ କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଛି। ଅଞ୍ଚଳର ବୁଦ୍ଧିଜୀବୀ, ଅବସରପ୍ରାପ୍ତ କର୍ମଚାରୀ ସଂଘ, ଛାତ୍ର ସଂଗଠନ ମଦ ଦୋକାନ ବନ୍ଦ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ଯଦି ସରକାର କି ପ୍ରଶାସନ କୌଣସି ପଦକ୍ଷେପ ନ ନିଅନ୍ତି, ଜନଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଓ ଅଭିଯୋଗକାରୀ ଅଳପୁଆ ସରପଞ୍ଚ ଶ୍ରୀମତୀ ପଦ୍ମିନୀ ବେହେରା, ସମିତି ସଭ୍ୟ ରାମଚନ୍ଦ୍ର ସେଠୀ, ପ୍ରମୋଦ ନାୟକ, ଆଦିତ୍ୟ ରାଉତ, ଧର୍ମେନ୍ଦ୍ର ଜେନା, ଶ୍ରୀମନ୍ତ ଜେନା, ଚନ୍ଦନ ନାୟକ, ଜାନକୀ ସାମଲ, କବିତା ସାମଲ, ଅମିତା ନାୟକ, ସଂଯୁକ୍ତା ଧଳ ପ୍ରମୁଖ ଚେତାବନୀ ଦେଇଛନ୍ତି।




## ବଡ଼କୂଳରେ ସାଇନାଥଙ୍କ ବାର୍ଷିକ ମହାଯଜ୍ଞ

ମହାକାଳପଡ଼ା,୧୨।୩(ସମିସ): ମହାକାଳପଡ଼ା ବ୍ଲକ ଦଶମୌଜି ଅନ୍ତର୍ଗତ ବଡ଼କୂଳ ଗ୍ରାମରେ ଶ୍ରୀଶ୍ରୀ ସଦଗୁରୁ ସାଇନାଥଙ୍କ ତୃତୀୟ ବାର୍ଷିକ ମହାଯଜ୍ଞ ଉତ୍ସବ ଆରମ୍ଭ ହୋଇଛି।



ଓଁ ଶ୍ରୀ ସିରିଡ଼ି ସାଇ ସେବା ସମିତି ପକ୍ଷରୁ ଆୟୋଜିତ ଏହି ଯଜ୍ଞୋତ୍ସବକୁ ନେଇ ସମଗ୍ର ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ପୂର୍ବାହ୍ନରେ ବାଜା, ବାଣ ଓ ରୋଷଣୀ ସହକାରେ ଶ୍ରଦ୍ଧାଳୁ ହାତରେ ୧୦୮ ଟି କଳସ ଧାରଣ କରି ଲୁଣା ନଦୀରୁ ପବିତ୍ର ଜଳ ଆଣିଥିଲେ। ପରେ ଏକ ବିଶାଳ ଶୋଭାଯାତ୍ରା ଦହିମାଛ ଓ ବଡ଼କୂଳ ଗ୍ରାମ ପରିକ୍ରମା କରି ଯଜ୍ଞ ସ୍ଥଳରେ ପହଞ୍ଚି ସ୍ଥାପନ କରାଯାଇଥିଲା। ପରେ କର୍ମକାଣ୍ଡବିତ୍ ବୈଦିକ ବ୍ରାହ୍ମଣଙ୍କ ଦ୍ୱାରା ସୂର୍ଯ୍ୟପୂଜନ, ଗୋପୂଜନ, ଅଗ୍ନି ସ୍ଥାପନ ଓ ଯଜ୍ଞାହୁତି ଆଦି ଧାର୍ମିକ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି ମହାଯଜ୍ଞରେ କର୍ତ୍ତାକର୍ତ୍ତୀ ଭାବେ ଯଯାତି କେଶରୀ ଲେଙ୍କା ଓ ତାଙ୍କ ପତ୍ନୀ ତପସ୍ୱିନୀ ଲେଙ୍କା ସମସ୍ତ ଧାର୍ମିକ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଆସନ୍ତାକାଲି ସାଇନାଥଙ୍କ ଷୋଡ଼ଶ ଉପଚାର ପୂଜା, ଯଜ୍ଞ, ଅନ୍ନଯଜ୍ଞ ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ପତ୍ରପୁରରେ ରାଧାକୃଷ୍ଣଙ୍କ ଚତୁର୍ଥ ବାର୍ଷିକ ଯଜ୍ଞ ଉତ୍ସବ

ପଟ୍ଟାମୁଣ୍ଡାଇ,୧୨।୩(ସମିସ): ସ୍ଥାନୀୟ ପତ୍ରପୁରଠାରେ ରାଧାକୃଷ୍ଣଙ୍କ ଚତୁର୍ଥ ବାର୍ଷିକ ଉତ୍ସବ ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୩ଦିନ ଧରି ଅନୁଷ୍ଠିତ ଏହି ଯଜ୍ଞ ଉତ୍ସବର ପ୍ରଥମ ଦିନରେ ଶୁଭାଧିବାସ, ଅଙ୍କୁରାରୋପଣ, କଳସ ଶୋଭାଯାତ୍ରା, ଗୁରୁପୂଜା, ଶୁକ୍ରପୂଜା, ସୂର୍ଯ୍ୟପୂଜା, ଗୋପୂଜା, ଧରିତ୍ରୀ ପୂଜା, ଅଗ୍ନି ସ୍ଥାପନ ଆଦି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଦ୍ୱିତୀୟ ଦିନରେ ସୂର୍ଯ୍ୟପୂଜା, ଗୋପୂଜା ଆଦି ଯଜ୍ଞାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷଦିନରେ ହରିହାଟ, ସହସ୍ରନାମାହୃତି ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ କରାଯାଇଥିଲା। ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ଗ୍ରାମ ପରିକ୍ରମା କରାଯାଇଥିଲା। ମୁଖ୍ୟ ପୂଜକ ଭାବେ ପଣ୍ଡିତ ସଞ୍ଜୟ ମିଶ୍ର କାର୍ଯ୍ୟ ତୁଲାଇଥିବାବେଳେ ଶରତ ପାଣି ଚଣ୍ଡିପାଠ, ରଞ୍ଜିତ ମିଶ୍ର ଓ ଅନ୍ୟ ବେଦଜ୍ଞ ପଣ୍ଡିତ ଅଂଶଗ୍ରହଣ କରିଥିଲେ। ମଳୟ ମହାକୁଡ ଓ ମଧୁସ୍ମିତା ମହାକୁଡ କର୍ତ୍ତା ଥିଲେ। ଏ ପରିପ୍ରେକ୍ଷୀରେ ପଲ୍ଲୀମଙ୍ଗଳ ସେବକ ସଂଘ ପକ୍ଷରୁ ଅନୁଷ୍ଠିତ ଡ୍ରାମାରେ ପ୍ରଯୋଜକ ବିଜୟ ବିହାରୀ ପରିଡା ଓ ନିର୍ଦ୍ଦେଶକ ଶିବପ୍ରସାଦ ସ୍ୱାଇଁଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'କଟି କଟି ଡବଲ କଟି' ପରିବେଷଣ ହୋଇଥିଲା। ପ୍ରତ୍ୟେହ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଓ ଯୁବବର୍ଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ଯଜ୍ଞ ଉତ୍ସବ ସମ୍ପାଦିତ ହୋଇଥିଲା।

## ରକ୍ତଦାନ କରି ଜୀବନ ରକ୍ଷା କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା



ଡେରାବିଶ, ୧୨।୩(ସମିସ): କୁଶିଆପାଳ ଓ ଗୁଆଲସିଂ ପଞ୍ଚାୟତର ମଧ୍ୟସ୍ଥଳୀରେ ଅବସ୍ଥିତ 'ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୋଟାଲ୍ ଫିଟ୍‌ନେସ୍ ଆଣ୍ଡ ଷ୍ଟ୍ରେସ୍ ମ୍ୟାନେଜମେଣ୍ଟ ପକ୍ଷରୁ ଦୁଇ ପ୍ରସୂତୀ ମା'ଙ୍କୁ ରକ୍ତଦାନ କରି ଉଭୟ ମା' ଓ ଶିଶୁର ଜୀବନ ବଞ୍ଚାଇଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଓ ପରିଚାଳକ ସୁବେଦାର ମେଜର ବ୍ରଜକିଶୋର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ କସ୍ତୁରୀ ପାତ୍ର, ମୁଖ୍ୟବକ୍ତା ଭାବେ କାଙ୍ଗାଳୀ ଚରଣ ବାରିକ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଦିବାକର ନାୟକ, ଅଭୟ ଲେଙ୍କା, ସୁରେନ୍ଦ୍ର ସାହୁ, ନାରାୟଣ ଜେନା, ପ୍ରଦୀପ ପାତ୍ର, ଅକ୍ଷୟ ସାହୁ, ଉମେଶ ସାମନ୍ତରାୟ, ସୁଶାନ୍ତ ସ୍ୱାଇଁ, ଆଦିକନ୍ଦ ସ୍ୱାଇଁ, ଦିଲ୍ଲୀପ ବେହେରା, ସସ୍ମିତା ନାୟକ ପ୍ରମୁଖ ଉପସ୍ଥିତ ରହି ରକ୍ତଦାନର ଉପକାରିତା ସମ୍ପର୍କରେ ବୁଝାଇଥିଲେ। ବହୁ ସଂଖ୍ୟାରେ ସ୍ୱେଚ୍ଛାକୃତ ରକ୍ତଦାତା ଆଗେଇ ଆସି ରକ୍ତଦାନ କଲେ ବହୁ ଗରିବ ରୋଗୀଙ୍କ ରକ୍ତର ଆବଶ୍ୟକତା ପୂରଣ ହୋଇପାରିବ ବୋଲି କହିଥିଲେ। ଏ ଅବସରରେ ରକ୍ତଦାନ କରି ଦୁଇଜଣ ପ୍ରସୂତୀ ଓ ସେମାନଙ୍କ ନବଜାତ ଶିଶୁଙ୍କ ଜୀବନ ବଞ୍ଚାଇଥିବା ମନୋଲିସା ନାୟକ, ବିଶାଳ ଗୁପ୍ତା, ସତ୍ୟନାରାୟଣ ରାଉତ ଓ ବାପିନା ନାଥଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ଥିବାବେଳେ ଅନୁଷ୍ଠାନର ଛାତ୍ର ଶଶୀପ୍ରସାଦ ମହାରଣା, ଡଲି ମଲିକ, ଦେବଯାନୀ ବେହେରା ଓ ଭାଗବତ ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ପାଇକା ମହୋତ୍ସବ ପାଇଁ ଜିଲ୍ଲାପାଳ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

## 'ଅନୁମତି ନ ମିଳିଲେ ହଟିବୁ ନାହିଁ'

କେନ୍ଦ୍ରାପଡ଼ା, ୧୨।୩(ସମିସ)



ପାଇକା ମହୋତ୍ସବକୁ ନେଇ ଗୁରୁବାର କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା। ମାର୍ଶାଘାଇ ଓ ମହାକାଳପଡ଼ା ବ୍ଲକ ସହିତ ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ଓ ତିର୍ତ୍ତୋଲ ଅଞ୍ଚଳର ଶତାଧିକ ଗ୍ରାମର ଲୋକ ପାଇକା ମହୋତ୍ସବ ପାଳନ ପାଇଁ ଅନୁମତି ଦାବି କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ପୁଲିସ ଗେଟ ବନ୍ଦ କରି ସତର୍କତା ଅବଲମ୍ବନ କରିଥିବାବେଳେ କିଛି ସମୟ ପର୍ଯ୍ୟନ୍ତ ଉତ୍ତେଜନା ଦେଖାଦେଇଥିଲା।

ସୂଚନା ମୁତାବକ, ପାଇକା ନଦୀ ତଟବର୍ତ୍ତୀ ପୋତାରି ଖେଳ ପଡ଼ିଆରେ ପାଇକା ମହୋତ୍ସବ କମିଟି ଆନୁକୂଲ୍ୟରେ ୧୧ ବର୍ଷ ଧରି ପାଇକା ମହୋତ୍ସବ ଆୟୋଜିତ ହୋଇଆସୁଛି। ଏହି ମହୋତ୍ସବକୁ ଆଖପାଖର ଅନେକ ଗ୍ରାମର ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖାଯାଏ। ଚଳିତ ବର୍ଷ ମଧ୍ୟ ସମ୍ବନ୍ଧିତ ବିଭାଗ ତହସିଲ, ଅଗ୍ନିଶମ, ବିଦ୍ୟୁତ୍ ବିଭାଗ, ଶ୍ରମ ବିଭାଗ ଓ ପୁଲିସ ବିଭାଗ ଠାରୁ ଅନୁମତି ନେବା ପରେ ମହୋତ୍ସବ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ କରାଯାଇଥିଲା। ମହୋତ୍ସବ ପାଇଁ ଟେଣ୍ଟହାଉସ, ସାଉଣ୍ଡ ବ୍ୟବସ୍ଥା, ବିଭିନ୍ନ ସାଂସ୍କୃତିକ ଦଳ, ଲୋକନୃତ୍ୟ ଦଳ ଓ ଚଳଚ୍ଚିତ୍ର ତାରକାଙ୍କୁ ଅଗ୍ରିମ ଟଙ୍କା ଦିଆଯିବା ସହ ଶତାଧିକ ବ୍ୟବସାୟୀଙ୍କୁ ମେଳାରେ ଦୋକାନ ପସରା ମେଲାଇବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଶେଷ ମୁହୂର୍ତ୍ତରେ ଉପଜିଲ୍ଲାପାଳ ଓ ପୁଲିସ ପକ୍ଷରୁ ମହୋତ୍ସବ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପାଇକା ମହୋତ୍ସବକୁ ନେଇ ସମଗ୍ର ଅଞ୍ଚଳର ଲୋକ ଅପେକ୍ଷା କରିଥା'ନ୍ତି। ଗ୍ରାମୀଣ ପିଲାଛୁଆ ଓ ମହିଳାଙ୍କ ପାଇଁ ଏହା ଏକ ବଡ଼ ସାଂସ୍କୃତିକ ଉତ୍ସବ। ପ୍ରତ୍ୟେକ ବର୍ଷ ଓଡ଼ିଶାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି ଉତ୍ସବରେ ଯୋଗଦେଇଥା'ନ୍ତି। ଗତବର୍ଷ ଏହି ଉତ୍ସବକୁ ବର୍ତ୍ତମାନର ବିଧାୟକ ଉଦ୍‌ଘାଟନ କରିଥିବାବେଳେ ଚଳିତ ବର୍ଷ ମଧ୍ୟ ଆସିବାକୁ ପ୍ରତିଶ୍ରୁତି ଦେଇଥିବା ସ୍ଥାନୀୟ ଲୋକ କହିଛନ୍ତି। ପୁଲିସ ପକ୍ଷରୁ ଚାନ୍ଦା ଆଦାୟ ଓ ଗ୍ରାମରେ ଗୋଷ୍ଠୀ କନ୍ଦଳ ସମ୍ବନ୍ଧୀୟ ଅଭିଯୋଗ ଉଠାଯାଇଥିବାବେଳେ ସ୍ଥାନୀୟ ଲୋକ ଏହାକୁ ଅସ୍ୱୀକାର କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ଗତ ଏଗାର ବର୍ଷ ଧରି ମହୋତ୍ସବ ଶୃଙ୍ଖଳାର ସହ ପାଳନ ହୋଇଆସୁଛି। ପରିସ୍ଥିତିକୁ ଦେଖି ଜିଲ୍ଲାପାଳ କାର୍ଯ୍ୟାଳୟ ଆଗରେ ପୁଲିସ ମୁତୟେନ କରାଯାଇଥିବାବେଳେ ସ୍ଥାନୀୟ ଲୋକ ମହୋତ୍ସବ ପାଇଁ ଅନୁମତି ମିଳି ନ ଥିଲେ ଏଠାରୁ ହଟିବୁ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ସ୍ଥାନୀୟ ଲୋକ ଜିଲ୍ଲାପାଳଙ୍କୁ ହସ୍ତକ୍ଷେପ କରି ପାଇକା ମହୋତ୍ସବକୁ ଅନୁମତି ଦେବା ସହ ଉତ୍ସବ ସଫଳ ଭାବେ ପାଳନ ହେବାକୁ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

ସକାଳ THE SAKALA



# ଅସୁରକ୍ଷିତ ଘୋଷିତ ଅଙ୍ଗନବାଡ଼ି ଗୃହରେ ରଙ୍ଗବୋଳା

## ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀଙ୍କ ଦାବି

ନାଉଗାଁ,୧୨।୩(ସମିସ)






ନାଉଗାଁ ବ୍ଲକ୍ ତିରୁଣା ପଞ୍ଚାୟତର ତେଣ୍ଟୋଇ -୧ ଅଙ୍ଗନବାଡ଼ି କେନ୍ଦ୍ରଟି ବିଗତ ଏକବର୍ଷ ହେଲା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି । ଉକ୍ତ ଗୃହଟି ୨୦୧୪ ମସିହାରେ ନିର୍ମାଣ ହୋଇଥିବା ବେଳେ ବିଭାଗ ପକ୍ଷରୁ ଏକ ପରିତ୍ୟକ୍ତ ପୋଖରୀ କଡ଼ରେ ନିର୍ମାଣ କରାଯାଇଥିଲା । ଗୃହ ପଛପଟେ ରହିଥିବା ଉକ୍ତ ଖାଲକୁ ପୋତାନଯିବା କାରଣରୁ ନିର୍ମାଣ ହେବାର ମାତ୍ର କିଛି ବର୍ଷ ମଧ୍ୟରେ ଘରର ମୂଳଦୁଆ ଫାଟିବା ସହିତ କାନ୍ଥରେ ମଧ୍ୟ ଫାଟ ସୃଷ୍ଟି ହୋଇଛି । ଖାଲି ସେତିକିନୁହେଁ ଏଠାରେ ପିଲାମାନଙ୍କ ପାଇଁ ରହିଥିବା ଶୌଚାଳୟଟି ମଧ୍ୟ ଦୀର୍ଘ ଦିନ ଧରି ବିପର୍ଯ୍ୟସ୍ତ ହୋଇପଡ଼ିଛି । ଅନ୍ୟପଟେ ସରକାର ଶିଶୁମାନଙ୍କ ପାଇଁ ଯୋଗାଇ ଦେଉଥିବା ଖେଳଣାଠାରୁ ଆରମ୍ଭ କରି ଅନ୍ୟ ଉପକରଣ ଗୁଡିକୁ ଏହି ଅସୁରକ୍ଷିତ ଗୃହରେ ବସ୍ତାରେ ବାନ୍ଧି ରଖାଯାଉଥିବା ବେଳେ ଗୃହର ଏଭଳି ଅବସ୍ଥାକୁ ଦୃଷ୍ଟିରେ ରଖି ବ୍ଲକ ସମନ୍ୱିତ ଶିଶୁ ବିଭାଗ ପକ୍ଷରୁ ଉକ୍ତ କେନ୍ଦ୍ରକୁ ଅସୁରକ୍ଷିତ ବୋଲି ବିଗତ ଦିନରେ ଘୋଷଣା ମଧ୍ୟ କରାଯାଇଥିଲା । ଉକ୍ତ କେନ୍ଦ୍ର ଠାରୁ ଏକ କିଲୋମିଟର ଦୂରରେ ଅବସ୍ଥିତ ତେଣ୍ଟୋଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଏହି ଅଙ୍ଗନବାଡ଼ି କେନ୍ଦ୍ରକୁ ସ୍ଥାନାନ୍ତରିତ ମଧ୍ୟ କରାଯାଇଥିଲା । କିନ୍ତୁ ସେବେଠୁ କୁନିକୁନି ପିଲାମାନେ ଏତେବାଟ ଚାଲିକି ଯିବା ସମ୍ଭବପର ହେଉନଥିବାରୁ ଗାଁ ଆଖଡ଼ା ଘରେ କିଛିମାସ ଧରି ମଧ୍ୟ ପାଠପଢ଼ା ଚାଲିଥିଲା । ଅନ୍ୟପଟେ ଉକ୍ତ ଗୃହଟି ବିପଦସଂକୁଳ ଅବସ୍ଥାରେ ରହିଥିବାରୁ ଯାହାକୁନେଇ ସ୍ଥାନୀୟ ଗ୍ରାମବାସୀ ମାନଙ୍କ ପକ୍ଷରୁ ବାରମ୍ବାର ଏଠାରେ ଏକ ନୂତନ ଗୃହ ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଦାବିକରିଥିଲେ । କିନ୍ତୁ ବର୍ତ୍ତମାନ ସବୁଠୁ ପରିତାପର ବିଷୟ ଉକ୍ତ ଗୃହକୁ ଗତ ଏକବର୍ଷ ତଳେ ବିଭାଗ ପକ୍ଷରୁ ବିପଦ ସଙ୍କୁଳ ଘୋଷଣା କରାଯାଇଥିବା ବେଳେ ଏବେ ପୁଣି ସେହି ବିପଦ ସଙ୍କୁଳ ଗୃହକୁ ମରାମତି ଆଳରେ ରଙ୍ଗ ବୋଳି ଅର୍ଥ ହଡପ କରିବା ପାଇଁ ଯୋଜନା ଚାଲିଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି । ଏ ନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ଏହି ଘର କଡ଼ରେ ଏକ ପୋଖରୀ ଥିବାରୁ ଘରଟି ଦବି ଯାଇଥିଲା । ଯାହାପାଇଁ ସେଠାରେ ଏକ କଂକ୍ରିଟ ୱାଲ୍ କରାଯିବା ସହିତ ଭାଙ୍ଗି ଯାଇଥିବା କାନ୍ଥ ଗୁଡିକୁ ମରାମତି କରାଯିବ ବୋଲି କହିଛନ୍ତି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥାହେଲା ଯେଉଁ ଘରର ମୂଳଦୁଆ ଫାଟି ଯାଇଛି ସେ ଘରକୁ କିପରି ବିଭାଗ ପକ୍ଷରୁ ମରାମତି କରାଯାଉଛି, ତାହା ଏବେ ସବୁଠୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଖାଲି ସେତିକି ନୁହେଁ, ବରଂ ଯନ୍ତ୍ରୀ କହୁଥିବା କଥା ଅନୁଯାୟୀ କଂକ୍ରିଟ ୱାଲ୍ ନିର୍ମାଣ ହୋଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ଗୃହ ମରାମତି କାମ ନ କରି ଘରେ ରଙ୍ଗ ବୋଳିବାର କଣ ଉଦ୍ଦେଶ୍ୟ ରହିଛି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି । ଜିଲ୍ଲାପାଳ ଏହି ଘଟଣାର ତଦନ୍ତ କରିବାକୁ ଦାବି କରିଛନ୍ତି ।

# ଜିଲ୍ଲା ମହୋତ୍ସବ ସାଂସ୍କୃତିକ ସବ୍-କମିଟିର ପ୍ରସ୍ତୁତି ବୈଠକ

ଜଗତସିଂହପୁର,୧୨।୩(ସମିସ): ଜଗତସିଂହପୁର ଜିଲ୍ଲା ମହୋତ୍ସବ କଲ୍ଲୋଳ -୨୦୨୬ ପାଳନ ନିମନ୍ତେ ସାଂସ୍କୃତିକ ସବ୍-କମିଟିର ପ୍ରସ୍ତୁତି ବୈଠକ ବୁଧବାର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସମ୍ବିତ ରାଉତଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଉତ ଅଧ୍ୟକ୍ଷତା କରି ଜିଲ୍ଲା ମହୋତ୍ସବ ଅନୁଷ୍ଠିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ଜଗତସିଂହପୁର ଜିଲ୍ଲା ମହୋତ୍ସବ 'କଲ୍ଲୋଳ-୨୦୨୬' ଆସନ୍ତା ଅପ୍ରେଲ ୧୦ାରୁ ୫ତାରିଖ ପର୍ଯ୍ୟନ୍ତ ନବକୃଷ୍ଣ ଚୌଧରୀ ଷ୍ଟାଡିୟମ ପରିସରରେ ପାଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ବୈଠକରେ ସ୍ଥାନୀୟ ସାଂସ୍କୃତିକ ଦଳମାନଙ୍କୁ କାର୍ଯ୍ୟକ୍ରମ ପରିବେଷଣ କରିବା ଉପରେ ପ୍ରାଧାନ୍ୟ ଦିଆଯିବାକୁ ନେଇ ଆଲୋଚନା ହୋଇଥିଲା । ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ଲୋକନୃତ୍ୟ, ଶାସ୍ତ୍ରୀୟନୃତ୍ୟ, ସଙ୍ଗୀତ ଓ ଅନ୍ୟାନ୍ୟ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଇଚ୍ଛୁକ ଅନୁଷ୍ଠାନ ଆସନ୍ତା ୨୦ ତାରିଖ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟରେ କିମ୍ବା ଇ-ମେଲ ମାଧ୍ୟମରେ ଆବେଦନ କରିପାରିବେ । ଉକ୍ତ ବୈଠକରେ ସାଂସ୍କୃତିକ ସବ୍‌କମିଟିର ସମସ୍ତ ସଭ୍ୟ ବୃନ୍ଦ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# 'ପଢ଼ିବା-ଗଢ଼ିବା ଓଡ଼ିଶା' କାର୍ଯ୍ୟକ୍ରମ ଉଦ୍‌ଯାପିତ




ଜଗତସିଂହପୁର,୧୨।୩ (ସମିସ): ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ ପୁନଙ୍ଗସ୍ଥିତ ପିଏମ୍‌ଶ୍ରୀ ନରେନ୍ଦ୍ର ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୫ଦିନ ବ୍ୟାପୀ ଚାଲିଥିବା ପଢ଼ିବା-ଗଢ଼ିବା ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଯୋଗଦେଇ ପଢ଼ିବା ଗଢ଼ିବା ଓଡ଼ିଶା ଏକ ଅଭିନବ କାର୍ଯ୍ୟକ୍ରମ ବୋଲି କହିଥିଲେ । ଏଥିସହିତ ବିଦ୍ୟାର୍ଥୀମାନେ ପାଠପଢ଼ିବା ସହିତ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ହାସଲକରି ବିକଶିତ ଓଡିଶାର ମାଧ୍ୟମ ହୋଇପାରିବେ ବୋଲି କହିଥିଲେ । ସେହିପରି ମୁଖ୍ୟବକ୍ତା ଭାବେ କବୟିତ୍ରୀ ମନୋରମା ଶତପଥୀ ଆଲୋଚନାରେ ଅଂଶଗ୍ରହଣ କରି ଅ, ଆ, ଇ ଅର୍ଥାତ୍ ଅଧ୍ୟବସାୟ, ଆତ୍ମବିଶ୍ୱାସ ଓ ଈଶ୍ୱର ନିଷ୍ଠା ବଳରେ ବିଦ୍ୟାର୍ଥୀମାନେ ସଫଳତା ହାସଲ କରିପାରିବେ ବୋଲି ମତପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୃଷ୍ଣଚନ୍ଦ୍ର ବାନାର୍ଜୀ, ଶିକ୍ଷକ କୈଳାସ ଚନ୍ଦ୍ର ଜେନା, ଶିକ୍ଷୟିତ୍ରୀ ସାଗରିକା ରାଉତ, ସେଖ୍ ହଜବୁର୍ ରହେମାନ, ବିଜୟଲକ୍ଷ୍ମୀ ମିଶ୍ର, ରୋଜାଲିନ୍ ପ୍ରଧାନ, ସୁନନ୍ଦା ସାହୁ, ପ୍ରଣତି ରାଉତ, ମିତାଲି ମଧୁଛନ୍ଦା, ଅଙ୍ଗବବାଡ଼ି କର୍ମୀ ନିର୍ମଳା ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ଏହି ଅବସରରେ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନୀରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀମାନଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା । ଶେଷରେ ଶିକ୍ଷକ ହିମାଂଶୁ ରାମ ଧନ୍ୟବାଦ ଦେଇଥିଲେ ।

# ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଯାପିତ



ପାରାଦୀପ,୧୨।୩ (ସମିସ) : ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ୫୫ତମ ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଯାପିତ ହୋଇଯାଇଛି । ଅଫିସର୍ସ କ୍ଲବ୍ ପରିସରରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଡକ୍ ସେଫଟି ଅତିରିକ୍ତ ସହକାରୀ ନିର୍ଦ୍ଦେଶକ ବ୍ରିଜେନ୍ଦ୍ର କୁମାର ଯୋଗ ଦେଇ ଦୁର୍ଘଟଣାମୁକ୍ତ କାର୍ଯ୍ୟ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟ କ୍ଷେତ୍ରରେ ସୁରକ୍ଷା ବୃଦ୍ଧି କରିବା, ସୁରକ୍ଷା ସମ୍ପର୍କିତ ସଚେତନତା ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ସପ୍ତାହବ୍ୟାପି କାର୍ଯ୍ୟକ୍ରମ ବର୍ଷତମାମ୍ ସମସ୍ତଙ୍କ ମନରେ ରହିବ ବୋଲି ସେ କହିଥିଲେ । ଏହି ଉଦ୍‌ଯାପନୀ ସମାରୋହରେ ବନ୍ଦର ଟ୍ରାଫିକ ଉପଦେଷ୍ଟା ଏକେ ବୋଷ, ମୁଖ୍ୟଯନ୍ତ୍ରୀ ଏଚ୍‌ଏସ୍ ରାଉତ, ମୁଖ୍ୟ ଅର୍ଥପରାମର୍ଶଦାତା ଏକେ ସାହୁଙ୍କ ସମେତ ବହୁ ଅଧିକାରୀ, ବନ୍ଦର ବ୍ୟବହାରକାରୀ ଯୋଗ ଦେଇଥିଲେ । ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସମାରୋହରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ସିଏମ୍‌ଇ ସୁଶୀଲ କୁମାର ନାହାକ । ଧନ୍ୟବାଦ ଅର୍ପଣ କରିଥିଲେ ସୁରକ୍ଷା ଅଧିକାରୀ ଅଭିଷେକ କୁମାର ପରିଡ଼ା । ଦେଶର ପଣ୍ୟକାରବାର କ୍ଷେତ୍ରରେ ଏକ ନମ୍ବର ସ୍ଥାନ ଅଧିକାର କରିଥିବା ପାରାଦୀପ ବନ୍ଦର ସୁରକ୍ଷା ପ୍ରଥମକୁ ଗୁରୁତ୍ୱ ଦେଇଥାଏ । ପାରଦୀପ ବନ୍ଦର ଏଥି ପାଇଁ ସଚେତନତା, ତାଲିମ ଶିବିର ଆଦିର ଆୟୋଜନ କରି ବନ୍ଦର କର୍ମଚାରୀ, ଅଧିକାରୀମାନଙ୍କୁ ସର୍ବଦା ସଜାଗ ରଖିଥାଏ ।

# ଯୁବକଙ୍କ ବିୟୋଗରେ ମହମବତି ଶୋଭାଯାତ୍ରା




ପାରାଦୀପ,୧୨।୩(ସମିସ): ପାରାଦୀପ ଉପକଣ୍ଠ ଗଣ୍ଡକିପୁର ଗ୍ରାମର ଯୁବକ ସ୍ୱର୍ଗତ ବିଶ୍ୱମ୍ଭର ପରିଡ଼ାଙ୍କ ଏକାଦଶହରେ ଗ୍ରାମବାସୀ ଏବଂ ରାମଚଣ୍ଡୀ ୟୁଥ୍ କ୍ଲବ୍‌ର ଶତାଧିକ ଯୁବକ ମହମବତି ଶୋଭାଯାତ୍ରା କରି ସ୍ମୃତିଚାରଣ କରିଛନ୍ତି । ଏହି ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା । ଶୋଭାଯାତ୍ରାରେ ଗଣ୍ଡକିପୁର ଗ୍ରାମର ଶହରୁ ଅଧିକ ଯୁବକ ଯୋଗଦେଇ ସ୍ୱର୍ଗତ ବିଶ୍ୱମ୍ଭର ପରିଡ଼ାଙ୍କ ଆତ୍ମାର ଶାନ୍ତି ପାଇଁ ପ୍ରାର୍ଥନା କରିଥିଲେ । ବିଶ୍ୱମ୍ଭର ସର୍ବଦା ଗ୍ରାମର ବିଭିନ୍ନ ସାମୂହିକ କାର୍ଯ୍ୟରେ ଆଗୁଆ ଭାବେ ଅଂଶଗ୍ରହଣ କରୁଥିଲେ । କ୍ଲବର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ତାଙ୍କର ଅତୁଳନୀୟ ଅବଦାନ ଥିଲା । ତାଙ୍କ ଅକାଳ ବିୟୋଗରେ ପୂରା ଗଣ୍ଡକିପୁର ଗ୍ରାମରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା ।

# ୨୨ ଜଣ ସ୍ଥାନୀୟ ଯୁବକଙ୍କୁ ମିଳିଲା ନିଯୁକ୍ତି




ପାରାଦୀପ,୧୨।୩ (ସମିସ): ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ ପକ୍ଷରୁ ୨୨ ଜଣ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ମିଳିଛି । ସ୍ଥାନୀୟ ପ୍ରତିଭାକୁ ପ୍ରୋତ୍ସାହିତ କରିବା ନେଇ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଏହାର ପ୍ରତିବଦ୍ଧତା ଅନୁଯାୟୀ ସ୍ଥାନୀୟ ବାସିନ୍ଦାଙ୍କୁ ସହଯୋଗୀ ବର୍ଗରେ ସାମିଲ କରିବା ପାଇଁ ଏକ ପ୍ରୟାସ ଆରମ୍ଭ କରିଛି । ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍‌ର ସଭାପତି ଅନିଲ କୁମାର ସିଂହ ବିଭିନ୍ନ ସହାୟକ କାର୍ଯ୍ୟକଳାପ ମାଧ୍ୟମରେ ଏହି ନିଯୁକ୍ତି ଦେଇଥିବା କହିଛନ୍ତି । ତାଙ୍କ ନେତୃତ୍ୱରେ, କମ୍ପାନୀ ସ୍ଥାନୀୟ ନିଯୁକ୍ତି ପାଇଁ ଏକ ନିରପେକ୍ଷ ଏବଂ ସ୍ୱଚ୍ଛ ଚୟନ ପ୍ରକ୍ରିୟା ସଫଳତାର ସହିତ ପରିଚାଳନା କରିଛି । ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ପାରାଦୀପ ଅଞ୍ଚଳର ସ୍ଥାନୀୟ ନିଯୁକ୍ତି ସୃଷ୍ଟି ଏବଂ ଅନ୍ତର୍ଭୁକ୍ତ ସମ୍ପ୍ରଦାୟବିକାଶ ପ୍ରତି ଏହାର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରି ନୂଆଗାଁ, ଢିଙ୍କିଆ ଏବଂ ଗଡ଼କୁଜଙ୍ଗର ପଡ଼ୋଶୀ ଗ୍ରାମ ପଞ୍ଚାୟତରୁ ୨୨ ଜଣ ଯୁବ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେଇଛି । ବି.ଟେକ୍, ଡିପ୍ଲୋମା ଏବଂ ଆଇଟିଆଇ ଯୋଗ୍ୟତାଧାରୀ ଏହି ନିଯୁକ୍ତି ପାଇଛନ୍ତି । ଗଡ଼କୁଜଙ୍ଗରୁ ୧୦ ଜଣ, ଢିଙ୍କିଆରୁ ୫ ଜଣ ଓ ନୂଆଗାଁରୁ ୭ ଜଣଙ୍କୁ ପ୍ରଥମ ପର୍ଯ୍ୟାୟରେ ନିଯୁକ୍ତି ମିଳିଛି । ମେକାନିକାଲରେ ୨, ସୁରକ୍ଷା ବିଭାଗରେ ୧, ଆଇଟିଆଇ ଇଲେକ୍ଟ୍ରିକାଲ୍ ବିଭାଗରେ ୯ ଜଣ ଆଇଟିଆଇ ଫିଟରରେ ୧୦ଜଣ ରହିଛନ୍ତି । ସେମାନଙ୍କ ଚୟନ ପରେ, ନୂତନ ଭାବରେ ନିଯୁକ୍ତି ପାଇଥିବା ସହଯୋଗୀମାନେ ଜେଏସଡବ୍ଲୁ ଉତ୍କଳ ଷ୍ଟିଲର ବରିଷ୍ଠ ନେତୃତ୍ୱ ସହିତ ଏକ ବ୍ୟାପକ ପ୍ରେରଣା ଏବଂ ପାରସ୍ପରିକ କ୍ରିୟା ଅଧିବେଶନରେ ଅଂଶଗ୍ରହଣ କରିଥିଲେ । ଶୁକ୍ରବାର ଠାରୁ ସମସ୍ତ ମନୋନୀତ ପ୍ରାର୍ଥୀ ଯେଉଁ କ୍ଷେତ୍ରରେ ନିଯୁକ୍ତି ପାଇଛନ୍ତି ନିୟୋଜନ ପୂର୍ବରୁ ଜେଏସଡବ୍ଲୁର ସୁରକ୍ଷା ମାନଦଣ୍ଡ ବା ନିୟମ ପାଳନ ସୁନିଶ୍ଚିତ କରିବା ପାଇଁ ପ୍ରକଳ୍ପ ସ୍ଥାନରେ ବାଧ୍ୟତାମୂଳକ ଭାବେ ସୁରକ୍ଷା ତାଲିମ ଦିଆଯିବ । ନିଯୁକ୍ତି ପରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲର ପଦକ୍ଷେପକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି ।

● ରାତିରେ ବିବାହ ବାର୍ଷିକୀ ପାଳିଲେ ଦମ୍ପତି

# ସକାଳୁ ମିଳିଲା ସ୍ୱାମୀଙ୍କ ମୃତଦେହ

ପାରାଦୀପ,୧୨।୩(ସମିସ): ରାତିରେ ହସଖୁସିରେ ସାଙ୍ଗସାଥୀଙ୍କ ଗହଣରେ ବିବାହ ବାର୍ଷିକୀ ପାଳିଥିଲେ ଏକ ଦମ୍ପତି; ମାତ୍ର ସକାଳୁ ମିଳିଲା ସ୍ୱାମୀଙ୍କ ମୃତଦେହ । ଯାହାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିବାବେଳେ ହୃଦ୍‌ଘାତ କାରଣରୁ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି । ମୃତକ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଅଞ୍ଚଳ ଫାଜିଲ୍‌ପୁର ଗ୍ରାମର ସୁବ୍ରତ ରାଉତ (୩୨) । ସେ ପାରାଦୀପ ନିଉ ଜଗନ୍ନାଥ କଲୋନୀରେ ରହୁଥିବାବେଳେ ଇଫ୍‌କୋ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ଗତକାଲି ତାଙ୍କ ୬ଷ୍ଠ ବିବାହ ବାର୍ଷିକୀ ଥିବାରୁ ରାତିରେ ଉଭୟ ଦମ୍ପତି, ୪ବର୍ଷର ପୁଅ, ସାଙ୍ଗସାଥୀ ଓ ସାଥୀ କର୍ମଚାରୀଙ୍କୁ ନେଇ ଭୋଜିଭାତ ସହ ମଉଜ ମଜଲିସ୍ କରିଥିଲେ । ପରେ ଖାଇପିଇ ଘରେ ଶୋଇଥିଲେ । ମାତ୍ର ସକାଳୁ ସୁବ୍ରତ ଆଉ ଉଠି ନଥିଲେ । ଏଭଳି ଅଭାବନୀୟ ଘଟଣା ପରେ ତାଙ୍କ ପତ୍ନୀ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଥିବାବେଳେ କିଭଳି ତାଙ୍କର ମୃତ୍ୟୁ ହେଲା ତାକୁ ନେଇ ନାନା ସନ୍ଦେହ ପ୍ରକାଶ ପାଇଛି । ଅନ୍ୟପକ୍ଷରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ମଧ୍ୟ ଆଶଙ୍କା କରାଯାଉଛି । ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନର କରିଥିଲା । ପରେ ଶବକୁ ତାଙ୍କ ନିଜ ଗ୍ରାମ ଫାଜିଲପୁରକୁ ନିଆଯାଇ ଗାଁ ଶ୍ମଶାନରେ ସଂସ୍କାର କରାଯାଇଛି । ଶବ ବ୍ୟବଚ୍ଛେଦ ପରେ ଘଟଣାର ସତ୍ୟତା ଜଣାପଡ଼ିବ ବୋଲି ପୁଲିସ କହିଛି ।

# ଟର୍ମିନାଲ ଛକରେ ଗ୍ୟାସ୍ ଟ୍ୟାଙ୍କର୍ ଦୁର୍ଘଟଣା




ପାରାଦୀପ,୧୨।୩(ସମିସ) : ଅଠରବାଙ୍କୀ ନିକଟ ଟର୍ମିନାଲ ଛକରେ ଆଜି ଏକ ଗ୍ୟାସ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ ହୋଇ ଫୁଟପାଥ ଉପରକୁ ଚଢ଼ି ଯାଇଥିଲା । ଟ୍ୟାଙ୍କରଟି ପାରାଦୀପରୁ ଏଲପିଜି ଗ୍ୟାସ ନେଇ ବାହାରକୁ ଯାଉଥିବା ବେଳେ ଟର୍ମିନାଲ ଛକ ନିକଟରେ କୌଣସି କାରଣରୁ ନିୟନ୍ତ୍ରଣ ହରାଇ ଫୁଟପାଥ ଉପରକୁ ଚଢ଼ି ଯିବାରୁ ଅଳ୍ପକେ କର୍ମଚାରୀ ଏବଂ ଟ୍ୟାଙ୍କରଟି ପଲିଟିବାରୁ ରକ୍ଷା ପାଇ ଯାଇଥିଲା । ତେବେ ସେଠାରେ କିଛି ସମୟ ଯାତାୟାତ ଠପ ହୋଇ ଯାଇଥିଲା । ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଟ୍ୟାଙ୍କଲରକୁ ବାହାର କରିବା ସହିତ ସ୍ୱାଭାବିକ ପରିସ୍ଥିତିକୁ ଆଣିଥିଲା । ତେବେ ବର୍ତ୍ତମାନ ରାଜ୍ୟରେ ତେଲ ଓ ଗ୍ୟାସର ସଙ୍କଟ ଦେଖାଦେଇଥିବା ବେଳେ ଏଭଳି ପରିସ୍ଥିତିରେ ଗାଡ଼ିଟି ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା କୁହାଯାଉଛି ।

# ଇନ୍‌ସାଫ ପକ୍ଷରୁ ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା



ତିର୍ତ୍ତୋଲ, ୧୨।୩(ସମିସ): ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ଅରିଲୋସ୍ଥ ଶିଶୁ ଅନନ୍ତ ଆଶ୍ରମ ପରିସରରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ଜିଲ୍ଲାରେ ପରିବେଶ ସଚେତନତା ଦିଗରେ କାର୍ଯ୍ୟ କରୁଥିବା ଆଇଡିଆଲ୍ ନ୍ୟାସନାଲ ସୋସାଇଟି ଫର ଆୱାରନେସ ଆଣ୍ଡ ଫରଦରେନ୍ସ (ଇନସାଫ) ପକ୍ଷରୁ ରତ୍ନପର୍ଣ୍ଣା କଳା ସାହିତ୍ୟ ସଂସଦ ସମ୍ପାଦିକା ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଅନୁଷ୍ଠାନର ଅଧ୍ୟକ୍ଷ ଉତ୍କଳ ରଞ୍ଜନ ମହାନ୍ତିଙ୍କ ସମେତ ଅତିଥିମାନେ ଅଧ୍ୟାପିକା ଶ୍ରୀମତୀ ସ୍ୱାଇଁଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଚାରା ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

# ମାମୁ ଘରେ ନାବାଳିକାଙ୍କ ଆତ୍ମହତ୍ୟା

ବାଲିକୁଦା,୧୨।୩(ସମିସ): ବାଲିକୁଦା ଥାନା ମାଛଗାଁ ପଞ୍ଚାୟତ ମଙ୍ଗପୁର ଗ୍ରାମରେ ନିଜ ମାମୁ ଘରେ ରହୁଥିବା ଜଣେ ୧୭ ବର୍ଷୀୟା ନାବାଳିକା ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ବାଲିକୁଦା ମେଡିକାଲକୁ ତାଙ୍କୁ ନେଇଥିଲେ । ହେଲେ ଚିକିତ୍ସା କରୁଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ବିଦ୍ୟୁତ୍ ଆଘାତରେ ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ

ପାରାଦୀପ,୧୨।୩ (ସମିସ) : ପାରାଦୀପ ବନ୍ଦର ମେରାଇନ୍ ସାଇଟରେ ଥିବା ଜାହାଜ ମରାମତି ସାଇଟରେ ଡ୍ରାଇ ଡକିଙ୍ଗ କାମ କରୁଥିବା ବେଳେ ଜଣେ ଇଞ୍ଜିନିୟରଙ୍କର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି । ମୃତ ଇଞ୍ଜିନିୟର ହେଲେ ବିଜିପୁର ଗ୍ରାମର ସ୍ମୃତି ରଞ୍ଜନ ପଣ୍ଡା (୩୨) । ସେ ଥିଲେ ପାରାଦୀପ ବନ୍ଦରରେ କାର୍ଯ୍ୟ କରୁଥିବା ସାଧବ ଶିପିଙ୍ଗ କମ୍ପାନୀର ଜଣେ ଇଲେକ୍ଟ୍ରିକାଲ ଇଞ୍ଜିନିୟର । ଅସାବଧାନତା ହେତୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଇଛି । ତେବେ ତାଙ୍କୁ ପ୍ରଥମେ ପୋର୍ଟ ମେଡିକାଲ ନିଆଯିବା ପରେ ପ୍ରାଥମିକ ଚିକିତ୍ସା କରାଯାଇ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଇଥିଲା । ଗୁରୁତର ହେବାରୁ କୁଜଙ୍ଗ ମେଡିକାଲ ନିଆଯିବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ତାଙ୍କ ମୃତ୍ୟୁ ଖବର ପାଇ ଗ୍ରାମବାସୀ, ରାଜନେତା ଓ ସହପାଠୀ ମେଡିକାଲରେ ଭିଡ଼ ଜମାଇଥିଲେ । ଶୋକାକୁଳ ପରିବେଶରେ ବିଜିପୁରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ସାନ ଭାଇ ଜ୍ୟୋତି ରଞ୍ଜନ ପଣ୍ଡା ମୁଖଗ୍ନି ଦେଇଛନ୍ତି । ଏହି ଘଟଣାରେ ବାଲିତୁଠ ସରପଞ୍ଚ ପ୍ରଫୁଲ୍ଲ ଦାସ, ଏରସମା ବ୍ଲକ୍ ଉପାଧ୍ୟକ୍ଷ ବିକାଶ ରଞ୍ଜନ ପରିଡ଼ା, ପୂର୍ବତନ୍ ସରପଞ୍ଚ ବିଭୁ ରଞ୍ଜନ ସାମନ୍ତରାୟ, ବିକ୍ରମ କୁମାର ମହାପାତ୍ର, ଗୁଣନିଧି ମଲ୍ଲଙ୍କ ସହ ଆଇନଜୀବୀ ଗତିକୃଷ୍ଣ ଶତପଥୀ, ତାପସ ଦାଶ, କୃଷ୍ଣ ପ୍ରସନ୍ନ ଦାସ, ଶିବ ଚରଣ ପାତ୍ର ପ୍ରମୁଖ ଶେଷ ଦର୍ଶନ କରିବା ସହ ଶୋକ ବ୍ୟକ୍ତ କରିଛନ୍ତି । ମୃତ ପାପୁ ନ ବିଶିଷ୍ଟ ଶ୍ରମିକ ନେତା ସ୍ୱର୍ଗତ ବିଭୂତି ପଣ୍ଡା ଙ୍କ ପୁତୁରା ।

# ଅକ୍ଷୟ ପିଲ୍ଲେ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ନିଯୁକ୍ତ



ପାରାଦୀପ,୧୨।୩ (ସମିସ) : ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ଭାବେ ନିଯୁକ୍ତି ପାଇଛନ୍ତି ଅକ୍ଷୟ ପିଲ୍ଲେ । ଏ ନେଇ ଆଜି ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଚିଠି ନମ୍ବର ୮୧୧୩ ଅନୁଯାୟୀ ବିଜ୍ଞପ୍ତି ପ୍ରକାଶ ପାଇଛି । ଶ୍ରୀ ପିଲ୍ଲେ ୨୦୨୨ ବ୍ୟାଚର ଆଇଏଏସ୍‌ର ହୋଇଥିବା ବେଳେ ଉପଜିଲ୍ଲାପାଳ ବଣେଇ ଭାବେ କାର୍ଯ୍ୟ କରୁଥିଲେ । ତେବେ ଅତିରିକ୍ତ ଜିଲ୍ଲାପାଳ ଭାବେ ଜଣେ ଆଇଏଏସ ଅଫିସରଙ୍କୁ ପାରାଦୀପ ଭଳି ଶିଳ୍ପ ସହରରେ ନିଯୁକ୍ତି ମିଳିଥିବାରୁ ସବୁ ମହଲରେ ଏହାକୁ ସ୍ୱାଗତ କରାଯାଇଛି ।

# 'ବାଲିଘର'ର ବାର୍ଷିକୋତ୍ସବ ୧୫ରେ

ତିର୍ତ୍ତୋଲ,୧୨।୩( ସମିସ): ଜିଲ୍ଲାର ପୁରାତନ ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ବାଲିଘର ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ ତଥା ବାଲିଘର ଫାଉଣ୍ଡେସନର ୩୬ ତମ ବାର୍ଷିକୋତ୍ସବ ଓ ସାରସ୍ୱତ ସମାରୋହ ଚଳିତ ମାସ ୧୫ ତାରିଖରେ ତିର୍ତ୍ତୋଲ ବ୍ଲକ୍ ତେନ୍ତୁଳିପଦା ସ୍ଥିତ ସାରଳା ଦାସଙ୍କ ସମାଧିପୀଠ ମୁନିଗୋସେଇଁ ମଠ ପରିସରରେ ଅନୁଷ୍ଠିତ ହେବ । ଏ ନେଇ ଅନୁଷ୍ଠାନର ସଂପାଦକ କୈଳାସ ଚନ୍ଦ୍ର ସ୍ୱାଇଁ ଓ ସଭାପତି ଅଜୟ କୁମାର ବେହେରା ସୂଚନା ପ୍ରଦାନ କରିଛନ୍ତି । ଏହି ଉତ୍ସବରେ ଓଡ଼ିଆ ଭାଷା ସାହିତ୍ୟରେ ସୁନାମ ଅର୍ଜନ କରିଥିବା ପ୍ରତିଭଧର ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯିବ । ସେମାନଙ୍କ ମଧ୍ୟରେ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ପ୍ରଫେସର ଅଦ୍ୱୈତକୁମାର ପାତ୍ର, କବି ଧନଞ୍ଜୟ ସ୍ୱାଇଁ, ଇଂ ବିଷ୍ଣୁ ସାହୁ, କୁଞ୍ଜବିହାରୀ ସାହୁ, ସତ୍ୟବତୀ ସ୍ୱାଇଁ, ଇଂ ତୋଫାନ ଜେନା, ରାଜରତନ ସିଂ ଓ ଶ୍ରୀସିକ୍ତା ପ୍ରିୟଦର୍ଶିନୀ ନାୟକ । ବାଲିଘର ସମ୍ମାନ ୨୦୨୬ ପାଇବେ ଡ଼ ଗଙ୍ଗାଧର ମିଶ୍ର, ଡ଼ ବିଷ୍ଣୁପ୍ରିୟା ଦାଶ, ଭଗବାନ ସାହୁ, ପ୍ରେମାନନ୍ଦ ଖଣ୍ଡୁଆଳ, ବୈଜୟନ୍ତୀ ସାହୁ ଓ ଡ ପ୍ରତାପ କୁମାର ମହାପାତ୍ର । ଏହି ଉତ୍ସବରେ ଅତିଥି ଭାବେ ପ୍ରଫେସର ଆଦିକନ୍ଦ ସାହୁ, ପ୍ରଫେସର ନିତ୍ୟାନନ୍ଦ ସାହୁ, ଇଂ ପ୍ରଭାକର ସ୍ୱାଇଁ, ମେଜର ଡ଼ ସୁମିତ୍ରା ମିଶ୍ର, ଅଧ୍ୟାପିକା ଡ଼ ସରୋଜିନୀ ପାଣି, କବି ଶଶିଶେଖର ମହାପାତ୍ର, ଆଇନଜୀବୀ ସୁଧିରଚନ୍ଦ୍ର ଖୁଣ୍ଟିଆ, କବି ଗୋଲୋକ ବିହାରୀ ପଲାଇ, ଉମାକାନ୍ତ ନାୟକ, ବିଜୟ ଖଟେଇ, ନାଟ୍ୟ ନିର୍ଦ୍ଦେଶକ ଲୋକନାଥ ମହାନ୍ତି ଓ ନିର୍ଲିପ୍ତ କୁମାର ଜେନା ପ୍ରମୁଖ ଯୋଗ ଦେବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି ।

# ୧୫ କେଜି ଗଞ୍ଜେଇ ଜବତ; ଜଣେ ଗିରଫ

ଭୁବନ, ୧୨।୩(ସମିସ): ଭୁବନ ଅବକାରୀ ବିଭାଗ ୧୫ କେଜି ଗଞ୍ଜେଇ ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି। ଭୁବନ ଅବକାରୀ ଅଧିକାରୀ ବୁଲୁ ପାତ୍ର ବିଶେଷ ସୂତ୍ରରୁ ଖବର ପାଇ ଭୁବନ ଥାନା ଅନ୍ତର୍ଗତ ଓଡ଼ିଶ ପଞ୍ଚାୟତ ସାପୁଆ ବିଦ୍ୟାଳୟ ନିକଟରୁ ସାପୁଆ ଗ୍ରାମର ସ୍ୱପ୍ନେଶ୍ୱର ମହାନ୍ତଙ୍କଠାରୁ ଏହି ଗଞ୍ଜେଇ ଜବତ କରି ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଚଢ଼ଉରେ ଭୁବନ ଅବକାରୀ ଏବଂ ଗଁଦିଆ ଅବକାରୀ ବିଭାଗ ଅଧିକାରୀ ସାମିଲ ଥିଲେ।

# ବିଶ୍ୱ ବୃକକ ଦିବସ ପାଳିତ

ଢେଙ୍କାନାଳ, ୧୨।୩(ସମିସ): ସ୍ଥାନୀୟ ମୀନାବଜାରସ୍ଥିତ ସୁଚିତ୍ର ସଲ୍ୟୁସନ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବିଶ୍ୱ ବୃକକ ଦିବସ ପାଳନ ହୋଇଛି। ଏଥିରେ ବହୁ ଯୁବକ, ମହିଳା ଏବଂ ସାଧାରଣ ଲୋକ ଯୋଗଦେଇଥିଲେ। କିଡନୀ ରୋଗର କାରଣ ଓ ନିରାକରଣ ଉପରେ ଆଲୋଚନା କରାଯାଇଥିଲା। ଜିଲ୍ଲାରେ କିଡନୀ ରୋଗ କପରି ଦୂର କରିହେବ ସେଥିପାଇଁ ଏକ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଉପସ୍ଥିତ ଯୁବକମାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଧାଦେଇପୁର ପଞ୍ଚାୟତ ଅନେକ ଯୁବକ ସାମିଲ ହୋଇଥିଲେ।




# ବାଜି ଛକରେ ଚବିଶପ୍ରହର ନାମଯଜ୍ଞ



ଭୁବନ, ୧୨।୩(ସମିସ): ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ବାଜି ଛକରେ ୨୪ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଏଥିରେ ୨୫ଦଳ କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ଗୁରୁବାର ନଗର କୀର୍ତ୍ତନ ଓ କୁଞ୍ଜରେ ଦଧିଭାଣ୍ଡ ଭଞ୍ଜନ ସହ ନାମଯଜ୍ଞ ସମାପନ ହୋଇଥିଲା। ବିଜୟ କୁମାର ବେହେରା, ଧନେଶ୍ୱର ପୃଷ୍ଟି ଧୀରେନ ପୃଷ୍ଟି, ସତ୍ୟାନନ୍ଦ ସାହୁ, ନିତ୍ୟାନନ୍ଦ ପୃଷ୍ଟିଙ୍କ ସମେତ ସାହିବାସିନ୍ଦା ସହଯୋଗ କରିଥିଲେ। ସଙ୍କୀର୍ତ୍ତନ ଗୁରୁ ହୃଦାନନ୍ଦ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

# ନଦୀରେ ଭାସିଗଲେ ଯୁବ ଇଞ୍ଜିନିୟର

ମାର୍ଶାଘାଇ, ୧୨।୩(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋଧନ ଗାଁର ୨୨ବର୍ଷୀୟ ଜଣେ ଯୁବ ଇଞ୍ଜିନିୟରଙ୍କ ଅକାଳ ମୃତ୍ୟୁ ଘଟିଛି। ମୃତକ ହେଲେ ଅସମାନ ରାଉତ। ବୁଧବାର ସକାଳେ ଗୋଧନ ଗାଁ ନିକଟରେ ବହୁଥିବା ଲୁଣା ନଦୀରେ ଗାଧୋଉଥିବା ସମୟରେ ଅସମାନ ରାଉତ ପାଣିରେ ଭାସିଯାଇଥିଲେ। ତାଙ୍କ ସହିତ ଥିବା ସାନ ଭାଇ ତାଙ୍କୁ ବଞ୍ଚାଇବା ପାଇଁ ବହୁତ ଚେଷ୍ଟା କରିଥିଲେ। କିନ୍ତୁ ସେଥିରେ ସଫଳ ହୋଇପାରିନଥିଲେ। ଫଳରେ ଏହି ଦୁର୍ଭାଗ୍ୟଜନକ ଘଟଣା ଘଟିଥିଲା। ଘଟଣା ସମ୍ପର୍କରେ ଖବର ପାଇ ଗାଁଲୋକ ଓ ପରିବାର ସଦସ୍ୟମାନେ ତୁରନ୍ତ ଘଟଣାସ୍ଥଳକୁ ଯାଇ ଖୋଜାଖୋଜି କରିଥିବାବେଳେ ପାଇନଥିଲେ। ଏହି ଖବର ପାଇ ବିଜେପି ନେତା ତେଜେଶ୍ୱର ପରିଡ଼ା ସେଠାରେ ପହଞ୍ଚି ଶୋକ ବ୍ୟକ୍ତ କରିଥିଲେ।

# ମେଡିକାଲ୍ କଲେଜ ପ୍ରତିଷ୍ଠା ଦାବି ଦୋହରାଇଲା ଜନଶକ୍ତି ପାର୍ଟି

ଡେରାବିଶ, ୧୨।୩(ସମିସ): କେନ୍ଦ୍ରାପଡ଼ାରେ ମେଡିକାଲ୍ କଲେଜ ପ୍ରତିଷ୍ଠା ଦାବିରେ ବିଭିନ୍ନ ସଂଗଠନ ଦୀର୍ଘଦିନ ଧରି ଦାବି କରିଆସୁଥିବାବେଳେ ବର୍ତ୍ତମାନର ସରକାର ଏକ ସରକାରୀ ବିଶ୍ୱବିଦ୍ୟାଳୟ ଖୋଲାଯିବା ଘୋଷଣା କରିବା ପରେ ଜନଶକ୍ତି ପାର୍ଟି ପକ୍ଷରୁ ମେଡିକାଲ୍ କଲେଜ ପ୍ରତିଷ୍ଠା ଦାବିକୁ ଦୋହରାଇଛି। ଦେଶ ସ୍ୱାଧୀନତା ପୂର୍ବରୁ କେନ୍ଦ୍ରାପଡ଼ାକୁ ରାଜ୍ୟର ପ୍ରଥମ ପୌର ପରିଷଦ ଘୋଷଣା କରିବା ସହିତ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଏକ ଚିକିତ୍ସାଳୟ ପ୍ରତିଷ୍ଠା କରାଯାଇଥିଲା। ସ୍ୱାଧୀନତା ପରେ ଏହି ମେଡିକାଲ୍‌ର ଆଖିଦୃଶିଆ ଉନ୍ନତି ହୋଇ ନ ଥିବା କାରଣରୁ ଉନ୍ନତ ଚିକିତ୍ସା ପାଇଁ ଅଞ୍ଚଳବାସୀଙ୍କୁ କଟକ ଯିବାକୁ ପଡୁଛି। ଯେଉଁଥିପାଇଁ ଜିଲ୍ଲାର ଉପାନ୍ତ ଅଞ୍ଚଳର ଅଧିବାସୀଙ୍କୁ ଚିକିତ୍ସା ନିମନ୍ତେ ବହୁ ଖର୍ଚ୍ଚାନ୍ତ ହେବାକୁ ପଡୁଛି। କେନ୍ଦ୍ରାପଡ଼ାରେ ଏକ ମେଡ଼ିକାଲ୍ କଲେଜ ପ୍ରତିଷ୍ଠା ପାଇଁ ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଇନଜୀବୀ ପ୍ରଦୀପ ଦାଶ, ମହାଦେବ ସେନା ସମ୍ପାଦକ ଗୌତମ ବେହେରା, ସାଧାରଣ ସମ୍ପାଦକ ଇଂ ସମରେନ୍ଦ୍ର ଜେନା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଚିଠିଲେଖି ଜଣାଇଛନ୍ତି।

# ଯୁଦ୍ଧ ପ୍ରଭାବ; ମିଳୁନି ଜାଳେଣି ଗ୍ୟାସ୍

ଭୁବନ, ୧୨।୩(ସମିସ)



ବଜାରରେ ଦରବୃଦ୍ଧି ସାଙ୍ଗକୁ ଜାଳେଣି ଗ୍ୟାସ ସଙ୍କଟ ଦେଖାଦେଇଛି। ଏହାର ସୁଯୋଗରେ ଅସାଧୁ ବ୍ୟବସାୟୀ ଚୋରାରେ ଅଧିକ ଦରରେ ଗ୍ୟାସ ବିକ୍ରି କରୁଛନ୍ତି। ମଧ୍ୟ ପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଫଳରେ ଅନ୍ତର୍ଜାତୀୟ ସ୍ତରରେ ରନ୍ଧନ ଗ୍ୟାସ ଦର ବଢ଼ିଛି। ଏହା ଉପରେ କେନ୍ଦ୍ର ସରକାରଙ୍କ ଗ୍ୟାସ୍ ବୁକିଂ ଅବଧି ବୃଦ୍ଧି କରିବା ଫଳରେ ଆଗକୁ ଗ୍ୟାସ ଅଭାବ ଦେଖାଯିବ ବୋଲି ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି। ଏନେଇ ଭୟରେ ଲୋକମାନଙ୍କ ମଧ୍ୟରେ ଯଥାସମ୍ଭବ ଆଗୁଆ ଗ୍ୟାସ ମହଜୁଦ ରଖିବାକୁ ଏକପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଛି। ଫଳରେ ବଜାରରେ ରନ୍ଧନ ଗ୍ୟାସ କଳାବଜାରୀ ମଧ୍ୟ ଆରମ୍ଭ ହୋଇଛି। ଭୁବନ ଅଞ୍ଚଳର ଜିରାଳ, ମଠକରଗୋଳା, ସୁରପ୍ରତାପପୁର ଓ ଭୁବନ ଏନଏସି ରନ୍ଧନ ଗ୍ୟାସ ବିତରଣର ୪ଟି କେନ୍ଦ୍ର ରହିଛି। ଭୁବନସ୍ଥିତ ଭାରତ ପେଟ୍ରୋଲିୟମ ବିତରଣ କେନ୍ଦ୍ରରେ ସର୍ବାଧିକ ୧୫ହଜାର ଗ୍ରାହକ ଥିବା ବେଳେ ଭୁବନ ବ୍ଲକ ଜିରାଳ ବିତରଣ କେନ୍ଦ୍ରରେ ୩ ହଜାର, ମଠକରଗୋଳାରେ ୪ ହଜାର ଏବଂ ସୁରପ୍ରତାପପପୁରରେ ୨ ହଜାର ଗ୍ରାହକ ରହିଛନ୍ତି। ଆକଳନ ଅନୁଯାୟୀ ୫ ଜଣିଆ ପରିବାର ଗୋଟିଏ ସିଲିଣ୍ଡର ବ୍ୟବହାର କଲେ ତାହା ୩୫ରୁ ୪୦ ଦିନ ପର୍ଯ୍ୟନ୍ତ ଯାଇଥାଏ। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ମୂଲ୍ୟ ବୃଦ୍ଧି ପାଉଥିବାରୁ କିଛିଦିନ ତଳେ କେନ୍ଦ୍ର ସରକାର ଗ୍ୟାସ ମୂଲ୍ୟରେ ୬୦ ଟଙ୍କା ବୃଦ୍ଧି କରିବା ସହ ସମସ୍ତଙ୍କ ପାଇଁ ରନ୍ଧନ ଗ୍ୟାସ ସହଜରେ ଉପଲବ୍ଧ କରାଇବାକୁ ଗ୍ୟାସ ବୁକିଂ ଅବଧି ମଧ୍ୟ ୨୫ ଦିନକୁ ବୃଦ୍ଧି କରିଛନ୍ତି। ହେଲେ ଖୋଲା ବଜାରରେ ଆଗକୁ ଗ୍ୟାସର ଅଭାବ ଦେଖାଯିବାର ଏକ ଅଘୋଷିତ ଭୟ ଖେଳିଯାଇଛି। ଆବଶ୍ୟକ ନ ଥାଇ ମଧ୍ୟ ଲୋକେ ଗ୍ୟାସ ପାଇଁ ଲାଇନ ଲଗାଉଥିବା ବେଳେ ଏହାର ଫାଇଦା ଉଠାଇ ଭୁବନ ଅଞ୍ଚଳରେ ବହୁ ଦଲାଲ୍ ଗ୍ୟାସ ଚଢ଼ା ଦରରେ ବିକ୍ରି କରୁଛନ୍ତି।

ଘରୋଇ ରନ୍ଧନ ଗ୍ୟାସ ଟାଙ୍କି ମୂଲ୍ୟ ପୂର୍ବରୁ ୮୯୫ ଟଙ୍କା ଥିବା ବେଳେ ଏବେ ତାହା ୯୫୫ଟଙ୍କା ହୋଇଛି। ସେହିପରି କମର୍ସିଆଲ ଟାଙ୍କି ମୂଲ୍ୟ ପୂର୍ବରୁ ୧୯୪୧ ଟଙ୍କା ଥିବା ବେଳେ ଏବେ ତାହା ୨୦୫୪ ଟଙ୍କା ହୋଇଛି। ଅନ୍ୟପଟେ ରାଜ୍ୟରେ ପର୍ଯ୍ୟାପ୍ତ ଗ୍ୟାସ ମହଜୁଦ ଥିବା ସରକାର ଘୋଷଣା କରିଥିବା ବେଳେ ଗ୍ରାମାଞ୍ଚଳରେ କିନ୍ତୁ ଗ୍ୟାସର କଳାବଜାରି ଏବେଠାରୁ ଆରମ୍ଭ ହୋଇଗଲାଣି। ସ୍ଥାନୀୟ ଅଞ୍ଚଳରେ ଘରୋଇ ଟାଙ୍କି ୧୩ରୁ ୧୫ ଶହ ଏବଂ କମର୍ସିଆଲ୍ ଟାଙ୍କି ୨୬ରୁ ୩ ହଜାର ପର୍ଯ୍ୟନ୍ତ ବିକ୍ରି ହେଉଛି। ଏପରିକି ଖୋଲା ବଜାରରେ ମଧ୍ୟ ଦଲାଲମାନେ କେଜି ପ୍ରତି ୧୫୦ରୁ ୨୦୦ ଟଙ୍କା ପର୍ଯ୍ୟନ୍ତ ଦରରେ ବିକ୍ରି କରୁଛନ୍ତି। ଏନେଇ ବ୍ଲକ ଏବଂ ଜିଲ୍ଲା ଯୋଗାଣ ବିଭାଗ ମଧ୍ୟ ଏକପ୍ରକାର ନିରବଦ୍ରଷ୍ଟା ସାଜିଛି। ରାଜ୍ୟରେ ପର୍ଯ୍ୟାପ୍ତ ରନ୍ଧନ ଗ୍ୟାସ ଏବଂ ପେଟ୍ରୋଲିୟମ ପଦାର୍ଥ ଗଚ୍ଛିତ ରହିଛି ବୋଲି ଆଜି ଖୋଦ୍ ମୁଖ୍ୟମନ୍ତ୍ରୀ ମଧ୍ୟ ସ୍ୱଷ୍ଟ କରିଛନ୍ତି। ମାତ୍ର ତୃଣମୂଳ ସ୍ତରରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଲୋକେ ଦଲାଲଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି। ଭୁବନ ଅଞ୍ଚଳର ସମସ୍ତ ଗ୍ୟାସ ଡିପୋରେ ଆବଶ୍ୟକ ଗ୍ୟାସ ମହଜୁଦ ଥିବାବେଳେ ଗ୍ରାହକ ଭୟଭୀତ ହୋଇ ଆବଶ୍ୟକ ନ ଥିଲେ ଗ୍ୟାସ ବୁକିଂ ନ କରିବାକୁ ବିତରଣ ସଂସ୍ଥାମାନେ ନିବେଦନ କରିଛନ୍ତି। ଏନେଇ ଭୁବନ ବ୍ଲକ ଯୋଗାଣ ଅଧିକାରୀ ଉତ୍କଳମଣି ମହାପାତ୍ର କୁହନ୍ତି, କଳାବଜାରୀ ରୋକିବାକୁ ସମସ୍ତ ଡିପୋରେ ତଦାରଖ କରାଯିବା ସହିତ ଲୋକଙ୍କୁ ସୁରୁଖୁରୁରେ ଗ୍ୟାସ୍ ବଣ୍ଟନ କରାଯିବା ସହ କଳାବଜାରୀ କରୁଥିବା ଅସ୍ଥାୟୀ ଡିପୋଗୁଡ଼ିକରେ ଚଢ଼ଉ କରିଯିବ।

## ଫଟୋଗ୍ରାଫର ରାଜେଶ ପାଣି ମୃତ୍ୟୁ ଘଟଣା
# ଚାରିମାସ ପରେ ବି ହୋଇପାରିଲାନି ରହସ୍ୟ ଉନ୍ମୋଚନ



ନ୍ୟାୟ ନ ମିଳିଲେ ସମୂହ ଆତ୍ମାହୁତି ଦେବେ ପରିବାର

କାମାକ୍ଷାନଗର, ୧୨।୩(ସମିସ): କାମାକ୍ଷାନଗର ଥାନା ମୁକ୍ତାପଶି ଗାଁରେ ଥିବା ମଠ ନିକଟ ପୋଖରୀରୁ ଚାରିମାସ ପୂର୍ବରୁ ଫଟୋଗ୍ରାଫର ରାଜେଶ ପାଣିଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ରାଜେଶ ନିଜ ଗାଁ ପରଜଙ୍ଗ ଥାନା ସାଆନ୍ଦାରୁ ଏକ ନିର୍ବନ୍ଧ କାର୍ଯ୍ୟକ୍ରମର ଭିଡିଓ ଶୁଟିଂ କରିବାକୁ ଆସିଥିବା ବେଳେ ମୁକ୍ତାପଶି ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖାଯାଇଥିଲା। ରାଜେଶଙ୍କୁ ହତ୍ୟା କରାଯାଇଥିବା ପରିବାର ତରଫରୁ କାମାକ୍ଷାନଗର ଥାନାରେ ଅଭିଯୋଗ କରାଯାଇଥିଲା। ମାତ୍ର ଚାରିମାସ ପରେ ମଧ୍ୟ ପୁଲିସ ଏହି ମୃତ୍ୟୁ ଘଟଣାର ପର୍ଦ୍ଦାଫାସ କରିପାରି ନାହିଁ। ଏପରିକି ରାଜେଶଙ୍କ ପରିବାର ଲୋକେ ବାରମ୍ବାର କାମାକ୍ଷାନଗର ଥାନାକୁ ଧାଉଁଥିବା ବେଳେ ପୁଲିସ ତାଙ୍କୁ ନ୍ୟାୟ ଦେବାରେ ବିଫଳ ହୋଇଛି। ୧୫ ଦିନ ମଧ୍ୟରେ ପୁଲିସ ହତ୍ୟାକାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଜିଲ୍ଲାପାଳ ଓ ଏସପିଙ୍କ କାର୍ଯ୍ୟାଳୟ ସାମ୍ନାରେ ସମୂହ ଆତ୍ମାହୁତି ଦେବାକୁ ପରିବାର ଲୋକ ଚେତାବନୀ ଦେଇଛନ୍ତି।

# ସାହାରା ଖୋଜୁଛି ଜରାଜୀର୍ଣ୍ଣ ଯାତ୍ରୀ ବିଶ୍ରାମାଗାର



ଢେଙ୍କାନାଳ, ୧୨।୩(ସମିସ): ଖରାବର୍ଷା ଶୀତକାକରରେ ଯିଏ ଅନ୍ୟମାନଙ୍କୁ ସାହାରା ଦେଉଥିଲା, ସେ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ନିଜେ ସାହାରା ଖୋଜୁଛି। ଏପରି ଅବସ୍ଥାରେ ପଡ଼ିରହିଛି ଗଁଦିଆ ବ୍ଲକ ବାଇଁଶିଆ ପଞ୍ଚାୟତ ଖଙ୍କର ଗ୍ରାମ ଯାତ୍ରୀ ବିଶ୍ରାମାଗାର। ଅନେକ ବର୍ଷ ତଳୁ ଏହି ଯାତ୍ରୀ ବିଶ୍ରାମାଗାର ନିର୍ମାଣ ହୋଇଥିଲା। ସରକାର ଅନେକ ସ୍ଥାନରେ ଏପରି ବିଶ୍ରାମାଗାର ତିଆରି କରିଛନ୍ତି। ତେବେ ଏହାର ରକ୍ଷଣାବେକ୍ଷଣ ଅଭାବରେ କାଳକ୍ରମେ ନଷ୍ଟ ହୋଇଯାଉଛି। ପ୍ରଶାସନ ନା କାହାକୁ ଦାୟିତ୍ୱ ଦେଉଛି ନା ନିଜେ ରକ୍ଷଣାବେକ୍ଷଣ କରୁଛି। ଏବେ ଗାଇଗୋରୁଙ୍କ ଗୁହାଳ ପାଲଟି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି ଏହି ବିଶ୍ରାମାଗାର। କେତେବେଳେ ମସ୍ତିଷ୍କ ବିକୃତ ବ୍ୟକ୍ତିମାନେ ପୁରୁଣା ଲୁଗାପଟା ଆଣି ଗଦା କରୁଛନ୍ତି ତ କେତେବେଳେ ଅଳିଆ ଆବର୍ଜନା ଆଣି ଗଦା କରୁଛନ୍ତି। ପାଖରେ ଗୋଟିଏ ଛୋଟ ବଜାର ରହିଛି। ସ୍ଥାନୀୟ ବ୍ୟବସାୟୀମାନେ ମଧ୍ୟ ସଫାସୁତୁରା ରଖିବା ପାଇଁ ଚେଷ୍ଟା କରିଛନ୍ତି। ତାହା ଏବେ କେଉଁଠି ଭାଙ୍ଗିରୁଜି ଗଲାଣି ତ ମଦ ବୋତଲ ଓ ଗ୍ଲାସ ଖଲିଚଉପତି ପଡ଼ି ମଦୁଆମାନଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏହି ଯାତ୍ରୀ ବିଶ୍ରାମାଗାର ମରାମତି କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ସିନର୍ଜୀ ଶିକ୍ଷାନୁଷ୍ଠାନ ସମୂହରେ ଅର୍ନ୍ତଜାତୀୟ ମହିଳା ଦିବସ

ଢେଙ୍କାନାଳ, ୧୨।୩(ସମିସ): ସ୍ଥାନୀୟ ସିନର୍ଜୀ ଶିକ୍ଷାନୁଷ୍ଠାନରେ ଅର୍ନ୍ତଜାତୀୟ ମହିଳା ଦିବସ ପାଳିତ ହୋଇଛି। ଅନୁଷ୍ଠାନର ପ୍ରଶାସନିକ ନିର୍ଦ୍ଦେଶିକା ଡ. ଇତିଶ୍ରୀ ମହାନ୍ତି ଦିବସ ପାଳନର ତାତ୍ପର୍ଯ୍ୟ ଉପସ୍ଥାପନ କରିଥିବା ବେଳେ ସିନର୍ଜୀ ନର୍ସିଂ କଲେଜ ଅଧକ୍ଷା ପ୍ରଫେସର ଜେ. ଶିବକାମୀ ଦିବସ ପାଳନର ମହତ୍ତ୍ୱ ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସୁନାମଧନ୍ୟ ଅତିଥିମାନଙ୍କ ମଧ୍ୟରେ ରିଜିଓନାଲ କଲେଜ ଅଫ ମ୍ୟାନେଜମେଣ୍ଟ ର ପ୍ରଫେସର ଡ. ଇତିଶ୍ରୀ ଦେବୀ, ଏମଡି ତଥା ନିଦ୍ରା ବିଶେଷଜ୍ଞ ଡ. ଅର୍ପିତା ପ୍ରିୟଦର୍ଶିନୀ ଏବଂ ଓଡ଼ିଶା ସାଇକ୍ଲିଂ ଆସୋସିଏସନର ସଭାପତି ମିନତୀ ମହାପାତ୍ର ଅର୍ଜୁନ ପୁରସ୍କାର ବିଜେତା ଉପସ୍ଥିତ ରହି ଆର୍ନ୍ତର୍ଜାତୀୟ ମହିଳା ଦିବସର ଗୁରୁତ୍ୱ, ମହିଳାମାନଙ୍କର ସଫଳତା, କାର୍ଯ୍ୟକାରିଣୀ ଏବଂ ରୂପରେଖ ଉପରେ ବାର୍ତ୍ତା ଦେଇ ଛାତ୍ର ଛାତ୍ରୀମାନଙ୍କୁ ସମାଜ ବ୍ରତୀ ହେବା ପାଇଁ ପ୍ରବର୍ତ୍ତାଇ ଥିଲେ। ସଭାରେ ସିନର୍ଜୀ ଶିକ୍ଷାନୁଷ୍ଠାନ ସମୂହର ଅଧକ୍ଷ ବିନୋଦ ଦାସ ତଥା ଟ୍ରଷ୍ଟି ଅନିତା ପାଢ଼ୀ ଉପସ୍ଥିତ ରହି କିଶୋର କ୍ରୀଡାବିତ ଏବଂ ସଫଳ ଭାରଉତ୍ତୋଳନକାରୀ ସୁଶ୍ରୀ ବିଦୁସ୍ମିତା ଭୋଇଙ୍କୁ ସିନର୍ଜୀ ଶ୍ରେଷ୍ଠ ନାରୀ ସମ୍ମାନରେ ସମ୍ବର୍ଦ୍ଧିତ କରି ନଗଦ ରାଶି ପୁରସ୍କାର ବିତରଣ କରିଥିଲେ। ପଦାର୍ଥ ବିଜ୍ଞାନର ପ୍ରଫେସର ଡ. ଜୟଶ୍ରୀ ସିଂହ ସୂଚାରୁ ରୂପେ ସମାରୋହ ପରିଚାଳନା କରିଥିବା ବେଳେ ସଂଯୋଜିକା ପ୍ରଫେସର ଡ. କଳ୍ପନା ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।




# ବାହାଘର ପାଲଟିଲା ରଣକ୍ଷେତ୍ର

● ବର ଓ କନ୍ୟା ପକ୍ଷରୁ ୧୧ ଆହତ

ଅନୁଗୋଳ, ୧୨।୩(ସମିସ): ବାହାଘର ପାଲଟିଲା ରଣ କ୍ଷେତ୍ର। ବରଯାତ୍ରୀ ଓ କନ୍ୟାପକ୍ଷଙ୍କ ମଧ୍ୟରେ ଘଟିଛି ରକ୍ତାକ୍ତ ସଂଘର୍ଷ। ଆକ୍ରମଣ ଓ ପ୍ରତ୍ୟାକ୍ରମଣରେ ଉଭୟ ପକ୍ଷରୁ ପ୍ରାୟ ୧୧ ଜଣ ଗୁରୁତର ଆହତ ହୋଇଛନ୍ତି। ସମସ୍ତଙ୍କୁ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏ ନେଇ ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ଭଗଲାକଟା ଗାଁରେ ଉତ୍ତେଜନା ଲାଗିରହିଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାସୁଝା କରିବାକୁ ଉଦ୍ୟମ ଚଳାଇଛି। ସୂଚନା ଅନୁସାରେ, ଅନୁଗୋଳ ଖଣ୍ଡହତା ସୁରାବ ଗ୍ରାମର ଜିତେନ୍ଦ୍ର ନାଏକଙ୍କର ଗୁରୁବାର ବାହାଘର ହେଉଥିଲା। ବରଯାତ୍ରୀ ଧରି ସେ ଛେଣ୍ଡିପଦା ଥାନା ଭାଗଲକଟା ଗାଁକୁ ଆସିଥିଲେ। ବରଯାତ୍ରୀ ଶୋଭାଯାତ୍ରା ଚାଲିଥିବା ବେଳେ କିଛି ବରଯାତ୍ରୀ ପରସ୍ପର ମଧ୍ୟରେ ନିର୍ବାଚନ ଘଟଣାକୁ ନେଇ ମାରପିଟ ହୋଇଥିଲେ। ଗଣ୍ଡଗୋଳ ତୀବ୍ର ହେବାର କନ୍ୟାପକ୍ଷ ଗ୍ରାମବାସୀ ଓ ସମ୍ପର୍କୀୟମାନେ ସେମାନଙ୍କୁ ବୁଝାସୁଝା କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ବରପକ୍ଷ ଲୋକେ କନ୍ୟାପକ୍ଷ ଗ୍ରାମବାସୀଙ୍କୁ ମଧ୍ୟ ଗାଳିଗୁଲଜ କରିବା ସହ ମାରପିଟ କରିଥିଲେ। ଫଳରେ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉଭୟ ପକ୍ଷ ମଧ୍ୟରେ ଗଣ୍ଡଗୋଳ ଘଟି ବରଯାତ୍ରୀରେ ଆସିଥିବା ମାଣପୁର ଗାଁର ସିପୁ ନାଏକ, ବୁଲୁ ବେହେରା, ସିଲୁ ବେହେରା ଏବଂ ତାଙ୍କ ସାଥୀ ଭୁଜାଲି ଓ କଙ୍କାଣରେ ଆକ୍ରମଣ କରିଥିଲେ। ଫଳରେ ବର ଓ କନ୍ୟାପକ୍ଷର ୧୧ ଜଣ ଗୁରୁତର ଆହତ ହୋଇଛନ୍ତି। ଆପରପକ୍ଷେ ଏହି ଘଟଣାକୁ ନେଇ କନ୍ୟା ଗାଁ ଲୋକ ବରପକ୍ଷ ଲୋକଙ୍କୁ ଗ୍ରାମରେ ଅଟକ ରଖୁଛନ୍ତି। ପୁଲିସ ପହଞ୍ଚି ଘଟଣାର ଛାନଭିନ ଚଳାଇଛି।

# ଅଖ୍ୟାତ ପଲ୍ଲୀରୁ ଜେଏନୟୁ ସଫଳ ଯାତ୍ରୀ ପୁଣ୍ୟଶ୍ଲୋକ



ଭୁବନ, ୧୨।୩(ସମିସ): ଏକ ଅଖ୍ୟାତ ପଲ୍ଲୀର ପ୍ରାଥମିକ ବିଦ୍ୟାଳୟରୁ ବାଲ୍ୟ ଶିକ୍ଷା ଆରମ୍ଭ କରି ଦେଶର ସୁପ୍ରତିଷ୍ଠିତ ତଥା ଖ୍ୟାତିସମ୍ପନ୍ନ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ (ଜେଏନୟୁ) ନୂଆଦିଲ୍ଲୀରୁ ଯୁବ ଗବେଷକ ଭାବେ ଗୌରବ ଅର୍ଜନ କରିଥିବା ପୁଣ୍ୟଶ୍ଲୋକ ଦାଶ ଢେଙ୍କାନାଳ ଜିଲ୍ଲା ଭୁବନ ଅଞ୍ଚଳରେ ଉଦାହରଣ ସୃଷ୍ଟି କରି ପାରିଛନ୍ତି। ତାଙ୍କ ନିଷ୍ଠାପର ସାଧନା ଏବଂ କଠିନ ଅଧ୍ୟବସାୟ ତାଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇ ପାରିଛି। ଗାଁ ସ୍କୁଲରୁ ବାଲ୍ୟଶିକ୍ଷା ସମାପନ ପରେ ଦ୍ୱାଦଶ ଶ୍ରେଣୀରେ ନବୋଦୟ ପରୀକ୍ଷାରେ ପ୍ରଥମ ଦଶ ଜଣଙ୍କ ମଧ୍ୟରେ ଭୋପାଳ ଜୋନରେ ପଞ୍ଚମ ସ୍ଥାନ ଅଧିକାର କରିଥିବା ପୂଣ୍ୟଶ୍ଲୋକ ପ୍ରେସିଡେନ୍ସି ବିଶ୍ୱବିଦ୍ୟାଳୟ କଲିକତାରୁ ସ୍ନାତକରେ ସ୍ୱର୍ଣ୍ଣପଦକ ଲାଭ କରିଥିଲେ। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ହାଇଦରାବାଦରୁ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରି ଗବେଷଣାରେ ମନୋନିବେଶ କରିବାକୁ ନିଷ୍ପତ୍ତି ନେଇଥିଲେ। ପରେ ଜେଏନ୍‌ୟୁରେ ଅଧ୍ୟୟନ କରିବାର ସୌଭାଗ୍ୟ ଲାଭ କଲେ। ଜଗନ୍ନାଥ ଧର୍ମ ସମ୍ପର୍କରେ ଗବେଷଣା କରି ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ୟୁଜିସି ଅଧୀନସ୍ଥ ଜେଆରଏଫ ଏସଆରଏଫ ଆୱାର୍ଡ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ସେଠାରେ ତାଙ୍କରପିଏଚଡିର ମାର୍ଗଦର୍ଶିକା ଡ. ମୌଲିକା ଦସ୍ତିଦରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବିଚାରକ ମଣ୍ଡଳୀ ଦ୍ୱାର ସାକ୍ଷାତକାର ମାଧ୍ୟମରେ ପରୀକ୍ଷା କରାଯାଇ ପୂଣ୍ୟଶ୍ଲୋକଙ୍କୁ ଆନୁଷ୍ଠାନିକ ଭାବେ ବିଶ୍ୱବିଦ୍ୟାଳୟର ସମ୍ମାନଜନକ ପିଏଚଡି ଡିଗ୍ରୀ ପ୍ରଦାନ କରାଯାଇଥିଲା। ଭୁବନ ବ୍ଲକ ଲକ୍ଷ୍ମୀଧରପୁର ଅନଳ ଗ୍ରାମର ବିନୋଦିନୀ ଦାଶ ଏବଂ ଶ୍ରୀମା ଅରବିନ୍ଦ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ କିରାଣି ମଧୁସୂଦନ ଦାଶଙ୍କର ସେ ପୁଅ ଅଟନ୍ତି। ସମ୍ପ୍ରତି ସେ ରାଜସ୍ଥାନ ଜୟପୁରସ୍ଥିତ ଜେଇସିଆରସି ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନ ସହକାରୀ ପ୍ରଫେସର ଭାବେ କାର୍ଯ୍ୟରତ। ଏହି ସଫଳତା ପାଇଁ ସରପଞ୍ଚ ଶ୍ରୀନିବାସ ବେହେରା, ଜିଲ୍ଲା ପରିଷଦ ସଭ୍ୟ ରମେଶ ଚନ୍ଦ୍ର ସାହୁ, ଶିକ୍ଷାବିତ ଅଶୋକ କୁମାର ସାହୁ, ସେ ପଢ଼ିଥିବା ଲକ୍ଷ୍ମୀଧରପୁର ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ଗାଡ଼ି ଧକ୍କାରେ ଯୁବକ ମୃତ



ଡେରାବିଶ, ୧୨।୩(ସମିସ): ୫୩ନଂ ଜାତୀୟ ରାଜପଥର ଲକ୍ଷ୍ମୀନାରାୟଣପୁର ଛକ ଓଭରବ୍ରିଜ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଗତକାଲି ବିଳମ୍ବିତ ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅଧୀନ ଗୁଆମାଳ ଗ୍ରାମର ଗଣେଶ୍ୱର ବେହେରାଙ୍କ ପୁଅ ଦୀପକ କୁମାର (୨୬)। ସେ ନିଜ ପରିବାର ପ୍ରତିପୋଷଣ ପାଇଁ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରିବା ସହ ରାତିରେ ବିଭିନ୍ନ ବିବାହ ଓ ଅନ୍ୟାନ୍ୟ ଉତ୍ସବରେ ଫଟୋଗ୍ରାଫର ଭାବେ କାର୍ଯ୍ୟ କରିଆସୁଥିଲେ। ଦୀପକ ବଳଭଦ୍ରପୁରର ଏକ ଭୋଜି ଉତ୍ସବ କାର୍ଯ୍ୟ ସାରି ବାଇକ୍‌ରେ ଦୁଇ ଫଟୋଗ୍ରାଫର ସାଙ୍ଗଙ୍କୁ ଆଣିବା ପାଇଁ ଲକ୍ଷ୍ମୀନାରାୟଣପୁରକୁ ଜାତୀୟ ରାଜପଥରେ ଯାଉଥିବାବେଳେ ପଛପଟୁ ଦ୍ରୁତ ଗତିରେ ଆସି ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଡେରାବିଶ ଥାନା ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି। ଦୀପକଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ସରପଞ୍ଚଙ୍କ ମାତୃ ବିୟୋଗ



ଡେରାବିଶ, ୧୨।୩(ସମିସ): ଡେରାବିଶ ବ୍ଲକ ଅଧୀନସ୍ଥ ଗୋଲରାହାଟ ପଞ୍ଚାୟତର ସରପଞ୍ଚ କାଶୀନାଥ କାଣ୍ଡିଙ୍କ ମାଆ ମାଳତୀ କାଣ୍ଡି (୭୪) ଙ୍କ ଆଜି ସକାଳେ ହୃତଘାତ ଯୋଗୁଁ ପରଲୋକ ହୋଇଯାଇଛି। ସେ ସକାଳ ଜଳଖିଆ ଖାଇବା ପରେ ହଠାତ ଅସୁସ୍ଥ ହୋଇ ଟଳି ପଡ଼ିଥିଲେ। ପରିବାର ଲୋକ କିଛି କରିବା ପୂର୍ବରୁ ଘଟଣାସ୍ଥଳରେ ହିଁ ମାଳତୀଙ୍କ ପ୍ରାଣବାୟୁ ଉଡିଯାଇଥିଲା। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସମିତିସଭ୍ୟ କରୁଣାକର କାଣ୍ଡି, ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ ଓ ବିପିନ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସରପଞ୍ଚ ଶ୍ରୀ କାଣ୍ଡିଙ୍କ ଦୁମୁକାସ୍ଥ ବାସଭବନରେ ପହଞ୍ଚି ମୃତକଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ହୁତୁହୁତୁ ହୋଇ ଜଳୁଛି ବୁଢ଼ାପାହାଡ଼ ଜଙ୍ଗଲ

● ବେଫିକର ବନବିଭାଗ, ସଙ୍କଟରେ ବନ୍ୟପ୍ରାଣୀ
● ପୋଡ଼ିଯାଉଛି ଶହ ଶହ ଏକର ଔଷଧୀୟ ବୃକ୍ଷରାଜି





ଢେଙ୍କାନାଳ, ୧୨।୩(ସମିସ)

ଢେଙ୍କାନାଳ ବନଖଣ୍ଡ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ବୁଢ଼ାପାହାଡ଼ ଗତ ତିନିଦିନ ହେଲା ହୁତୁହୁତୁ ହୋଇ ଜଳୁଛି। ଏ ଦିଗରେ ବନବିଭାଗ ବେଫିକର ଥିବା ବେଳେ ବିପଦରେ ଜଙ୍ଗଲୀ ଜୀବଜନ୍ତୁଙ୍କ ଜୀବନ। ହଜାର ହଜାର ମୂଲ୍ୟବାନ ଔଷଧୀୟ ଗଛ ବି ପୋଡ଼ି ପାଉଁଶ ହୋଇଗଲାଣି।

ଖରାଦିନ ଆସିବା ମାତ୍ରେ ଢେଙ୍କାନାଳ ବନଖଣ୍ଡରେ ଥିବା ବିଭିନ୍ନ ଜଙ୍ଗଲରେ ନିଆଁର କରାଳ ରୂପ ଦେଖିବାକୁ ମିଳିଥାଏ। କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜର ବୁଢ଼ା ପାହାଡ଼ର ଚତୁଃପାର୍ଶ୍ୱରେ ଥିବା ଅନନ୍ତପୁର ସଂରକ୍ଷିତ ଜଙ୍ଗଲ ଓ ମଉଳାଭଣଜା ଜଙ୍ଗଲ ଦିନେ କି ଦୁଇ ଦିନ ନୁହଁ ତିନି ଦିନ ହେଲାଣି ହୁହୁ ହୋଇ ଜଳିବାରେ ଲାଗିଛି। ପୂର୍ବରୁ ଏ ଭଳି ନିଆଁ କେବେ ବି ଲାଗି ନ ଥିଲା ବୋଲି ଅଞ୍ଚଳବାସୀ କହିଛନ୍ତି। ପରିତାପର ବିଷୟ ନିଆଁକୁ ଆୟତ କରିବାକୁ ବନବିଭାଗର କୌଣସି ତତ୍ପରତା ହିଁ ନାହିଁ। ଅଞ୍ଚଳବାସୀଙ୍କ ସୂଚନା ଅନୁସାରେ ସ୍ଥାନୀୟ ବନ ସୁରକ୍ଷା ସମିତି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରୁଥିଲେ ମଧ୍ୟ ତାହା ସହଜ ହେଉନାହିଁ। ଆବଶ୍ୟକ ସରଞ୍ଜାମ ନ ଥିବାରୁ ନିଆଁ ଲିଭାଇବା କଷ୍ଟସାଧ ହେଉଛି। ବନବିଭାଗ ପକ୍ଷରୁ ଅଧିକ କର୍ମଚାରୀ କିମ୍ବା ଅଗ୍ନିଶମ ବିଭାଗ ସହାୟତା ନିଆଗଲେ ନିଆଁକୁ ଆୟତ୍ତ କରାଯାଇ ପାରନ୍ତା। ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରିବା ତ ଦୂର କଥା ବନବିଭାଗ ଏ ଦିଗରେ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ଅନନ୍ତପୁର ସଂରକ୍ଷିତ ଜଙ୍ଗଲ ତଥା ମଉଳାଭଣଜା ଜଙ୍ଗଲ ନିକଟସ୍ଥ କାନପୁରା ଅଞ୍ଚଳବାସୀଙ୍କ ଜୀବନରେଖା। ୧୯୯୨ରୁ ଦିନରାତି ଏକ କରି ପାଳି କରି ଏହି ଜଙ୍ଗଲକୁ ଜଗି ଆସୁଛନ୍ତି କାନପୁରା ଗ୍ରାମବାସୀ। ଫଳରେ ଜଙ୍ଗଲରେ ହରିଣ, ମିରିଗ, କୁଟୁରାଠାରୁ ଆରମ୍ଭ କରି ଭାଲୁ, ବାରହା, ଠେକୁଆ ଓ ନାନା ପ୍ରକାର ସରୀସୃପ ମଧ୍ୟ ସୁରକ୍ଷିତ ଭାବେ ଏହି ଜଙ୍ଗଲରେ ବିଚରଣ କରନ୍ତି। ସେହିଭଳି ଶାଳ ପିଆଶାଳଠୁ ନେଇ ଆକାଶିଆ ଶାଗୁଆନ ଭଳି ବହୁ ମୂଲ୍ୟବାନ ଗଛ ମଧ୍ୟ ଏହି ବୁଢ଼ାପାହାଡ଼ରେ ରହିଛି। କିନ୍ତୁ ଜଙ୍ଗଲ ନିଆଁ ଅଣାୟତ୍ତ ପରିସ୍ଥିତିରେ ଥିବାରୁ ଜଙ୍ଗଲୀ ଜନ୍ତୁଙ୍କ ଜୀବନ ବାଜିରେ ଲାଗିବା ସହ ଜନବସତି ଭିତରକୁ ପଶି ଆସିବା ଭୟ ମଧ୍ୟ ଦେଖାଦେଇଛି। ଏଥିସହ ଖରାଦିନ ସାଙ୍ଗକୁ ଜଙ୍ଗଲ ନିଆଁ ଯୋଗୁଁ ତାପମାତ୍ରା ବଢ଼ିବାରେ ଲାଗିଛି। ଫଳରେ ସାଧାରଣ ଜୀବନ ଯାପନ କଷ୍ଟକର ହୋଇ ପଡୁଥିବା ଅଭିଯୋଗ ହୋଇଛି। ବନବିଭାଗ ହାତୀ-ମଣିଷ ଲଢ଼େଇ ହେଉ କି ଜଙ୍ଗଲ ନିଆଁ ରୋକିବାରେ ବିଫଳ ହେଉଛି। ଏପଟେ ଢେଙ୍କାନାଳ ସାଂସଦ କହିଛନ୍ତି, ଡିଏଫଓଙ୍କ ପ୍ରତି ଅସନ୍ତୋଷ ମଧ୍ୟ ବଢ଼ିବାରେ ଲାଗିଛି। ଏନେଇ କେନ୍ଦ୍ରମନ୍ତ୍ରୀଙ୍କଠାରୁ ନେଇ ରାଜ୍ୟମନ୍ତ୍ରୀଙ୍କ ସହ ମୁଁ କଥା ହେବି। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ସହ ମଧ୍ୟ ଆଲୋଚନା କରିବି। ପଦକ୍ଷେପ ଯାହା ନିଆଯିବା କଥା ନିଆଯିବ ବୋଲି ସାଂସଦ କହିଛନ୍ତି। ସରକାର ଜଙ୍ଗଲ ସୃଷ୍ଟି ସହ ଜଙ୍ଗଲ ସୁରକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ କାମାକ୍ଷାନଗରରେ ବନ ବିଭାଗର ଏଭଳି ନିଷ୍କ୍ରିୟତାକୁ ନେଇ ଅସନ୍ତୋଷ ଦେଖାଦେଇଛି।

